

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୬ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 6 JANUARY 2024
Vol.No. 35 ■ No. 6 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚୀନ ଖବରକାଗଜରେ ଭାରତର ପ୍ରଶଂସା

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସାରେ ପୋତିଲା ଗ୍ଲୋବାଲ ଟାଇମ୍ସ

ନୂଆଦିଲ୍ଲୀ, ୫/୧ : ଚୀନ ଖବରକାଗଜରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା । ଗ୍ଲୋବାଲ ଟାଇମ୍ସରେ ମୋଦୀଙ୍କ ନୀତିକୁ ପ୍ରଶଂସା କରିବା ସହ ବିଶ୍ୱ ଦରବାରରେ ଭାରତ ଶକ୍ତି ବଢୁଥିବା ଏକ ଆଲେଖ୍ୟ ପ୍ରକାଶ ପାଇଛି । ଭାରତର ବିକାଶ ଓ ପ୍ରଗତି ପଛରେ ମୋଦୀଙ୍କ ବିଦେଶ ନୀତି, କୁଟନୀତି ସମ୍ପର୍କ, ନେତୃତ୍ୱ ଥିବା ଗ୍ଲୋବାଲ ଟାଇମ୍ସ ଆଲେଖ୍ୟରେ କୁହାଯାଇଛି । ସାଂଘାଇର ଫୁଡନ ବିଶ୍ୱବିଦ୍ୟାଳୟର ସେଂଟର ଫର ସାଉଥ ଏସିଆନ ଷ୍ଟଡିଜର ନିର୍ଦ୍ଦେଶକ ଝାଂଗ ଜିୟାଡୋଙ୍ଗଙ୍କ ଦ୍ୱାରା ଲିଖିତ ଆଲେଖ୍ୟ ଗ୍ଲୋବାଲ ଟାଇମ୍ସରେ ପ୍ରକାଶ ପାଇଛି ।




ଯେଉଁଥିରେ ଭାରତର ଗତ ୪ବର୍ଷର ସଫଳତା ଓ ଉପଲବ୍ଧି କଥାକୁ ସ୍ଥାନ ଦିଆଯାଇଛି । ଭାରତ ଓ ମୋଦୀ ସରକାରଙ୍କ ପ୍ରଶଂସା କରାଯିବା ସହ ବର୍ତ୍ତମାନ ଫୁଡନ କହିଛନ୍ତି ବିଗତ କିଛି ଦିନ ଭିତରେ ଭାରତ ଓ ଚୀନ କୁଟନୀତି ସମ୍ପର୍କ ମଧ୍ୟରେ ସୁଧାର ଆସିଛି ।

# ଦିଲ୍ଲୀ ସରକାରଙ୍କ ଉପରେ ବିପଦର କଳାବାଦଲ

## ମୋହଲ୍ଲା କ୍ଲିନିକ ଦୁର୍ନୀତି ମାମଲାର ହେବ ସିବିଆଇ ତଦନ୍ତ

ନୂଆଦିଲ୍ଲୀ, ୫/୧ : ଦିଲ୍ଲୀ ସରକାରଙ୍କ ଉପରେ ସମସ୍ୟାର କଳା ବାଦଲ । ଏକ୍ସସାଇଜ ପଲିସି ଦୁର୍ନୀତି ଜାଲରେ ଛନ୍ଦି ହୋଇଥିବା କେଜ୍ରିୱାଲ ସରକାରଙ୍କ ଉପରେ ଆସିଛି ନୂଆ ଅଭିଯୋଗ । ଦିଲ୍ଲୀର ମୋହଲ୍ଲା କ୍ଲିନିକରେ ବଡ ଧରଣର ଦୁର୍ନୀତି ଅଭିଯୋଗ ଆସିବା ସହ ଏବେ ଏହାର ହେବ ସିବିଆଇ ତଦନ୍ତ । ଗୁରୁବାର ଉପ-ରାଜ୍ୟପାଳ ଭିକେ ସକସେନା ଦୁର୍ନୀତୀ ଅଭିଯୋଗ ଆଣିବା ସହ ସିବିଆଇ ତଦନ୍ତ ପାଇଁ ଯେଉଁ ସୁପାରିଶ କରିଥିଲେ। ଯାହାକୁ ମିଳିଛି



ସବୁଜ ସଂକେତ ଦେଇଛନ୍ତି । ଉପରାଜ୍ୟପାଳ ଅଭିଯୋଗ କରିଛନ୍ତି ଯେ ମୋହଲ୍ଲା କ୍ଲିନିକରେ ବଡ ଧରଣର ଦୁର୍ନତୀ କରାଯାଇଛି ।

▶▶ପୃଷ୍ଠା ୭

## ଗାଡ଼ି ଓଲଟି ୧୫ ବିଏସ୍ଏଫ ଯବାନ ଗୁରୁତର

ମାଲକାନଗିରି , ୫/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ବିଏସ୍ଏଫ ଯବାନଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ୪୦୭ ମେଟାଟର ଗାଡ଼ିରେ ବିଏସ୍ଏଫ ଯବାନମାନେ ଯାଉଥିଲେ କୁମ୍ଭାରୀ ଗ୍ରାମ ନିକଟରେ ହୋଇଥିଲା ଦୁର୍ଘଟଣା। ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣା ଯୋଗୁ ଗାଡ଼ିରେ ଥିବା ୧୫ ଜଣ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି।

# ରାଜ୍ୟରେ ୩.୩୨କୋଟି ଭୋଟର: ୭.୫୪ ଲକ୍ଷ ଯୁବ ଭୋଟର, ମହିଳା ଭୋଟରଙ୍କ ଅନୁପାତ ବଢ଼ିଲା

ଭୁବନେଶ୍ୱର, ୫ /୧ (ନି.ପ୍ର): ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ହଜାର ୩୬୦ । ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧କୋଟି ୬୮ଲକ୍ଷ ୫୦ହଜାର ୯୪୯ଜଣ ଥିବାବେଳେ ୧କୋଟି ୬୩ଲକ୍ଷ ୮୨ହଜାର ୩୧ଜଣ ମହିଳା ଭୋଟର ଅଛନ୍ତି । ଯୁବ




ଭୋଟର(୧୮-୧୯ବର୍ଷର)ଙ୍କ ସଂଖ୍ୟା ୭ଲକ୍ଷ ୫୪ହଜାର ୯୪୬। ଏହାସହିତ ରାଜ୍ୟରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଲିଙ୍ଗଗତ ଅନୁପାତରେ ମଧ୍ୟ ଆଖିଦୃଶିଆ ବୃଦ୍ଧି ହୋଇଛି । ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ମଧ୍ୟରେ ୯୭୨ଜଣ ମହିଳା ଭୋଟର ଅଛନ୍ତି ।

▶▶ପୃଷ୍ଠା ୭

# ଟ୍ରାକ୍ଟର ଧକ୍କାରେ ଦୁଇ ଯୁବକ ମୃତ: ଜଣେ ଗୁରୁତର

କୋରାପୁଟ, ୫/୧ (ନି.ପ୍ର): ଏକ ଟ୍ରାକ୍ଟର ଧକ୍କାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ପାଡୁଆ ଥାନା ହାଟଗୁଡ଼ା ଗାଁରେ ଘଟିଛି ଏହି ଦୁର୍ଘଟଣା। ଆଜି ସନ୍ଧ୍ୟାରେ ଏକ କାଠ ବୋଝେଇ ଟ୍ରାକ୍ଟର ହାଟଗୁଡ଼ା ସ୍ଥିତ ଏକ ଛାତ୍ରାବାସ ଅଭିମୁଖେ ଯାଉଥିଲେ। ଟ୍ରାକ୍ଟରଟି ଛାତ୍ରାବସ ପରିସରକୁ ପ୍ରବେଶ କରିବାକୁ ଯାଉଥିବା ବେଳେ ପାଡୁଆ ଅଞ୍ଚଳରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ତିନି ଜଣ ଯୁବକ ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଗୁରୁତର ଆହତଙ୍କୁ ଲମତାପୁଟ ସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ସେଠାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସେ ଟ୍ରାକ୍ଟରକୁ ବାକାପୁଟ ଗାଁ ନିକଟରେ ଛାଡ଼ି ଫେରାର ହୋଇଯାଇଛନ୍ତି। ପୁଲିସ୍ ଘଟଣାର ତଦନ୍ତ କରୁଛି।

## ଆଜିଠୁ ନବୀନ କାର୍ଡ ପାଇଁ ଅନଲାଇନ ଆବେଦନ

ଭୁବନେଶ୍ୱର, ୫/୧ (ନି.ପ୍ର): ଆସନ୍ତାକାଲି (ଶନିବାର)ଠାରୁ ବିଏସକେୱାଇ-ନବୀନ କାର୍ଡ ପାଇଁ ଅନଲାଇନ୍ ପଂଜୀକରଣ ଆରମ୍ଭ ହେବ। ଏହି ଅନଲାଇନ୍ ଆବେଦନର ଶେଷ ତାରିଖ ୧୬ତାରିଖ ରହିଛି । ସରକାରୀ ଚାକିରିଆ, ସରକାରୀ ପେନସନଧାରୀ ଓ ଆୟକରଦାତାଙ୍କୁ ବାଦ୍ ଗ୍ରାମାଂଚଳରେ ଥିବା ଅନ୍ୟ ସମସ୍ତ ପରିବାର ଏହି ନବୀନ କାର୍ଡ ପାଇଁ ଆବେଦନ କରିପାରିବେ।

# ଦୋଷ ଝାଡ଼ିଲେ ହାଇଟେକ୍ କର୍ତ୍ତୃପକ୍ଷ: ମୃତଦେହ ଚିହ୍ନଟ କରିଛି ପରିବାର, ଆମର କିଛି ଭୁଲ୍ ନାହିଁ



ଭୁବନେଶ୍ୱର, ୫ /୧ (ନି.ପ୍ର): ସଫେଇ ପରେ ସଫେଇ ସତ୍ତ୍ୱେ ମୃତଦେହ ଚିହ୍ନଟ ନେଇ ଆରମ୍ଭ ହୋଇଥିବା ଦ୍ୱନ୍ଦ୍ୱ ବିସ୍ଫୋରକ ରୂପ ଧାରଣ କରିବାରେ ଲାଗିଛି । ହାଇଟେକ୍ ମେଡିକାଲ ବିସ୍ଫୋରଣ ଘଟଣାରେ ମୃତଦେହ ଚିହ୍ନଟ ନେଇ ତମ୍ବିତୋଫାନ ଦେଖା ଦେବା ପରେ ନିଜ ଦୋଷ ଝାଡ଼ି ଦେଇଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ହାଇଟେକ୍ ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି, ଆଇନଗତ ଏବଂ ନୈତିକତା ଦୃଷ୍ଟିରୁ ଆମେ ଠିକ୍ । ମୃତଦେହ ଚିହ୍ନଟ ପରିବାର ଲୋକ କରିଛନ୍ତି, ଆମର କିଛି ଭୁଲ୍ ନାହିଁ। ହାଇଟେକ୍ ପକ୍ଷରୁ ସିଇଓ ସ୍ମିତା ପାଢୀ ଓ ଡାକ୍ତର ଅମୃତ ପାଟ୍ଟଯୋଶୀ ଗଣମାଧ୍ୟମ ଆଗରେ କହିଛନ୍ତି, ପରିବାର ମୃତଦେହ ଚିହ୍ନଟ କରିପାରିନାହାନ୍ତି, ଆମେ କିପରି କରିପାରିବୁ। ତା' ଛଡ଼ା ସେମାନେ ଆମ କର୍ମଚାରୀ ନୁହନ୍ତି, ସେମାନେ ଆଉଟସୋସିଂ କର୍ମଚାରୀ।

▶▶ପୃଷ୍ଠା ୭

# ୧୧ ସୁଦ୍ଧା ନିର୍ମାଣ ସରିବ ପୁରୀ ପରିକ୍ରମା ପ୍ରକଳ୍ପ: ୧୪ରୁ ହାତକୁ ନେବ ପୁଲିସ

ପୁରୀ, ୫/୧ (ନି.ପ୍ର): ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଶ୍ୱର୍ରେ ଚାଲିଥିବା ପରିକ୍ରମା ପ୍ରକଳ୍ପ(ଐତିହ୍ୟ କରିଡର)ର ନିର୍ମାଣ କାର୍ଯ୍ୟ ଚଳିତମାସ ୧୧ତାରିଖ ସୁଦ୍ଧା ଶେଷ ହେବ। ଆଉ ସୁରକ୍ଷା ଦୃଷ୍ଟିରୁ ୧୪ତାରିଖରୁ ସମ୍ପୂର୍ଣ୍ଣ ଅଂଚଳକୁ ପୁରୀ ପୁଲିସ ନିଜ ନିୟନ୍ତ୍ରଣକୁ ନେବ । ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଆଜି ଏହି ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଜେନା କହିଛନ୍ତି ଯେ, ଚଳିତମାସ ୧୧ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ



ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେସନ(ଓବିସିସି) ନିର୍ଦ୍ଦେଶ ଦିଆଯାଇଛି । ଓବିସିସି କର୍ତ୍ତୃପକ୍ଷ ପ୍ରକଳ୍ପ କାର୍ଯ୍ୟକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ । ଏହାପରେ

▶▶ପୃଷ୍ଠା ୭

# ମେଣ୍ଟ ଫାଟ କମ୍ କରିବାକୁ ନରମିଲା କଂଗ୍ରେସ

## ୨୫୫ ଆସନ ସହ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ନିଷ୍ପତି

ନୂଆଦିଲ୍ଲୀ, ୫/୧ : ଆଗକୁ ଲୋକସଭା ନିର୍ବାଚନ । ଏଯାଏଁ ଇଣ୍ଡିଆ ମେଂଟରେ ଛିଣ୍ଡିପାରୁନି ଆସନ ଭାଗବଂଟା । ସହଯୋଗୀ ଦଳ ନିଜ ନିଜ ଆସନ ପାଇଁ ଜିଦରେ ଅଟଳ ଥିବାବେଳେ କଂଗ୍ରେସ ନରମ ପଡୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଲୋକସଭା ନିର୍ବାଚନରେ କଂଗ୍ରେସ ଏଥରକ କେବଳ ୨୫୫ ଆସନରେ ଲଢ଼ିବ । ଯେଉଁଥିରେ ଟୁଇଷ୍ଟ ଆଣିବ ଭାରତ ଯୋଡ ନ୍ୟାୟ ଯାତ୍ରା । ସୂଚନା ଅନୁସାରେ ଲୋକସଭା ଆସନକୁ ଦୃଷ୍ଟିରେ ରଖି କଂଗ୍ରେସ ଭାରତ ଯୋଡ଼ ନ୍ୟାୟଯାତ୍ରାର ରୁଟ୍ ସ୍ଥିର କରିଛି। ଯେଉଁଠି ଅଧିକ ଲୋକସଭା ଆସନ ରହିଛି ସେହି ଅଂଚଳରେ ପହଁଚିବ କଂଗ୍ରେସ ପଦଯାତ୍ରା । ୧୫ରାଜ୍ୟର ୧୧୦ ଜିଲ୍ଲା ଦେଇ ଅତିକ୍ରମ କରିବ ଭାରତ ଯୋଡ଼ ନ୍ୟାୟ ଯାତ୍ରା । ଯେଉଁଠି ରହିଛି



ଶହେରୁ ଅଧିକ ଲୋକସଭା ଆସନ। ନିଜେ ରାହୁଲ ଗାନ୍ଧୀ ଏଠାରେ ପହଁଚି ଜନତାଙ୍କ ସହ ଯୋଡ଼ି ହେବେ । ତେଣୁ କୁହାଯାଉଛି ଆସନ ହାତେଇବା ପାଇଁ ଭାରତ ଯୋଡ ନ୍ୟାୟ ଯାତ୍ରାର ରୁଟ ସ୍ଥିର କରାଯାଇଛି । ଯଦି ଆବଶ୍ୟକ ପଡେ ଯାତ୍ରାର ଗତିପଥରେ ସାମାନ୍ୟ ପରିବର୍ତ୍ତନ କରିବାକୁ ଦଳ ଯୋଜନା କରୁଛି । ଗୁରୁବାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ମହାସଚିବ ୫ଜଣ ସଦସ୍ୟ ବିଶିଷ୍ଟ ମେଂଟ ସମିତି ସହ ବୈଠକ କରିଥିଲେ । କେଉଁ ଦଳ କେତେ ଆସନରେ ଲଢ଼ିବା ଉଚିତ ହେବ ଏନେଇ ସମିତି ସହ ବିଚାର ବିମର୍ଶ କରିଥିଲେ । ଏଥରକ ଆସନ ଲୋଭ ଛାଡି କେବଳ ୨୫୫ ଆସନରେ ଲଢ଼ିବା ପାଇଁ କଂଗ୍ରେସ ବିଚାର କରୁଥିବା ଜଣାପଡିଛି । ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ୪୨୧ ଆସନରେ ନିର୍ବାଚନ ଲଢ଼ିଥିଲା । ଯେଉଁଥିରେ କେବଳ ୫୨ ଆସନରେ ଦଳ ଜିତିଥିଲା । ୨୦୧୯ରେ କଂଗ୍ରେସ ବିହାରରେ ଆରଜେଡି ସହ, ମହାରାଷ୍ଟ୍ରରେ ଏନସିପି, କର୍ଣ୍ଣାଟକରେ ଜେଡିଏସ, ତାମିଲନାଡୁରେ ଡିଏମକେ ଓ ଝାଡ଼ଖଣ୍ଡରେ ଜେଏମଏମ ସହ ମେଂଟ କରି ନିର୍ବାଚନ ଲଢ଼ିଥିଲା । ପଂଜାବ,ଉତରପ୍ରଦେଶ ଓ ପଶ୍ଚିମବଙ୍ଗରେ ମେଂଟ କଲେ କଂଗ୍ରେସକୁ କିଛି ଆସନ ଛାଡିବାକୁ ପଡିପାରେ । ବାରମ୍ବାର ଇଣ୍ଡିଆ ମେଂଟ ବୈଠକ ବସୁଛି ତଥାପି ଆସନ ଭାଗବଂଟା ନେଇ କୌଣସି ନିଷ୍କର୍ଷ ବାହାରିପାରୁନି । ଏହାର ପ୍ରମୁଖ କାରଣ ମେଂଟର ଆଭ୍ୟନ୍ତରୀଣ କନ୍ଦଳ ଥିବା ସ୍ପଷ୍ଟ ହେଉଛି । ଟିଏମସି, ସମାଜବାଦି ପାର୍ଟି ଓ ଆମ ଆଦମି ପାର୍ଟି କିଛି ଆସନରେ ଏକାକୀ ଲଢ଼ିବା ନେଇ ଘୋଷଣା କରିବା ପରେ ମେଂଟର ଚିନ୍ତା ବଢ଼ୁଛି । ସମସ୍ତଙ୍କୁ ଏକାଠି ନେଇ

▶▶ପୃଷ୍ଠା ୭

# ଜାହାଜରେ ପଶି ପଣବନ୍ଦୀ ଥିବା ଭାରତୀୟଙ୍କୁ ଉଦ୍ଧାର କଲେ ନୌସେନା କମାଣ୍ଡୋ

ନୂଆଦିଲ୍ଲୀ, ୫/୧ : ଜଳଦସ୍ୟୁଙ୍କ କବଳରୁ ୧୫ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ନୌସେନା କମାଣ୍ଡୋ। ସୋମାଲିଆ ଉପକୂଳରୁ 'ଗଠ ଖଓଖଇ ଘଙଜରଙଖକ' ମାଲବାହୀ ଜାହାଜକୁ ଆଜି ଅପହରଣ କରାଯାଇଥିଲା। ଏହି ଜାହାଜରେ ୧୫ ଜଣ ଭାରତୀୟ ଥିଲେ। ସମସ୍ତ ୧୫ ଜଣ ଜାହାଜର କ୍ରୁ ମେମ୍ବର ବା ଜାହାଜ କର୍ମଚାରୀ। ଅପହରଣ ଖବର ମିଳିବା ପରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଓଘଝ ଚେନ୍ନାଇକୁ ସେଠାକୁ ପଠାଯାଇଥିଲା। ଏହାପରେ ନୌସେନାର ସ୍ୱତନ୍ତ୍ର ମାରିନ କମାଣ୍ଡୋ ବା ମାର୍କୋସ ଅପରେସନ ଆରମ୍ଭ କରିଥିଲେ। ସେମାନେ ସନ୍ଧ୍ୟା ସୁଦ୍ଧା ଜାହାଜ ମଧ୍ୟରେ ପ୍ରବେଶ କରିଥିଲେ। ଏହାପରେ ପଣବନ୍ଦୀ ହୋଇ ରହିଥିବା ଭାରତୀୟଙ୍କୁ ପ୍ରଥମେ ଉଦ୍ଧାର କରିଥିଲେ। ଏବେ ସେମାନେ ଜାହାଜର ଅନ୍ୟ ପାର୍ଟକୁ ମଧ୍ୟ ଅପହରଣକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ପ୍ରୟାସ କରୁଥିବା ନୌସେନା ପକ୍ଷରୁ କୁହାଯାଇଛି। ଏମଭି ଲିଲା ନୋରଫୋଲକ ଜାହାଜଟି ବ୍ରାଜିଲର ପୋର୍ଟ ଡୁ ଆକୋରୁ ବାହାରିଥିଲା। ଏହା ବାହାରିନର ଖଲିଫା ବିନ ସଲମାନ ପୋର୍ଟକୁ ଯିବାର ଥିଲା।

▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ ଇଡି ଟିମ୍ ଉପରେ ଆକ୍ରମଣ



ପଶ୍ଚିମବଙ୍ଗ, ୫/୧ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ଉପରେ ସଂଘବଦ୍ଧ ଆକ୍ରମଣ। ପଶ୍ଚିମବଙ୍ଗର ଟିଏମସି ନେତାଙ୍କ ଘରେ ଚଢାଉ କରିବାକୁ ଯାଇଥିବା ସମୟରେ ଏହି ଆକ୍ରମଣ କରାଯାଇଛି। ପ୍ରାୟ ୨୦୦ରୁ ଅଧିକ ଲୋକ ସଙ୍ଘବଦ୍ଧ ଭାବେ ଇଡି ଟିମ୍ ଉପରକୁ ଆକ୍ରମଣ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଉତ୍ତର ୨୪ ପ୍ରଗଣା ଅଞ୍ଚଳରେ ଏହି ଆକ୍ରମଣ କରାଯାଇଛି। ବିକ୍ଷୋଭକାରୀମାନେ ଇଡି ଅଧିକାରୀଙ୍କୁ ଆକ୍ରମଣ କରିବା ସହ ସେମାନଙ୍କ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଏଥିରେ କେତେ ଜଣ ଇଡି ଅଧିକାରୀ ଆହତ ହୋଇଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଆଜି ସକାଳେ ଟିଏମସି ନେତା ଶାହାଜାହାନ ଶେଖଙ୍କ ଘରେ ଚଢାଉ କରିବାକୁ ଇଡିର ଏକ ଟିମ୍ ସେଠାରେ ପହଞ୍ଚିଥିଲା। ରିପୋର୍ଟ ଅନୁସାରେ, ରାସନ ସ୍କାମ ସହ ଜଡିତ ଏକ ମାମଲାରେ ଚଢାଉ ପାଇଁ ଯାଇଥିଲା ଇଡି। ଏହି ସମୟରେ ୧୦୦-୨୦୦ ସ୍ଥାନୀୟ ଲୋକ ଇଡି ଟିମ୍ ଉପରକୁ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଅଧିକାରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି।

# ବଢ଼ିଲାଣି କୃଷି ଶ୍ରମିକ ସଙ୍କଟ: ଚାଷକୁ ବିପଦ



ଭୁବନେଶ୍ୱର, ୦୫/୧ (ନି.ପ୍ର): ଓଡ଼ିଶାରେ ଧାନ ରୁଆ, ବଛାରେ ନିୟୋଜିତ ହେଉଛନ୍ତି ପଶ୍ଚିମବଙ୍ଗରୁ ଆସୁଥିବା ଶ୍ରମିକ। କେବଳ ଏଇ ଗୋଟିଏ ରାଜ୍ୟ ନୁହେଁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ର ଶ୍ରମିକ ବି ଓଡ଼ିଶାର ଚାଷ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ହଠାତ୍, ଏମିତି କ'ଣ ହେଲା ଯେ ଓଡ଼ିଶାରେ କୃଷି ଶ୍ରମିକ ସଙ୍କଟ ସୃଷ୍ଟି ହେଲା? ଏଭଳି ଗୋଟିଏ ପ୍ରସଙ୍ଗ କୃଷି ବିଶେଷଜ୍ଞମାନଙ୍କୁ ଆନ୍ଦୋଳିତ କଲାଣି। ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ କୃଷି ଶ୍ରମିକଙ୍କ ପାଇଁ କୃଷି କ୍ଷେତ୍ରରେ ବର୍ଷକୁ ମାତ୍ର ୩ ମାସର ରୋଜଗାର ରହୁଛି। ଜାତୀୟ ନମୁନା ସର୍ଭେକ୍ଷଣ (୨୦୧୭-୧୮) ଅନୁଯାୟୀ, ଦେଶରେ ଓଡ଼ିଶାର କୃଷି ଶ୍ରମିକଙ୍କ ମଜୁରୀ ସର୍ବନିମ୍ନ ଅର୍ଥାତ ଦୈନିକ ମାତ୍ର ୨୦୨ ଟଙ୍କା ଅଟେ। ବର୍ତ୍ତମାନ ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଯେଉଁ ଶ୍ରମିକମାନେ ଆଡ଼ି ପ୍ରସ୍ତୁତି, ପହ୍ଲା ପକାଇବା, ରୁଆ, ଲଟା କାଟିବା, ବାଛିବା, ଧାନ କାଟିବା ଭଳି ଚାଷର ଅଧା କାର୍ଯ୍ୟ କରି ଦେଉଥିଲେ ସେମାନେ ବର୍ତ୍ତମାନ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ସୁରତ, କେରଳରେ ପ୍ରବାସୀ ଶ୍ରମିକ ସାଜିଛନ୍ତି। ଓଡ଼ିଆ ଚାଷୀଙ୍କ ଶ୍ରମିକ ସଙ୍କଟ ଯୋଗୁଁ କିଛି ଚାଷ ଜମି ପଡ଼ିଆ ପଡୁଛି।

୨୦୧୧ ଜନଗଣନା ସମୟରେ ରାଜ୍ୟରେ ସମୁଦାୟ ୬୭ ଲକ୍ଷ ୩୯ ହଜାର ୯୯୩ କୃଷି ଶ୍ରମିକ ଥିଲେ। ଏମାନଙ୍କ ମଧ୍ୟରେ କ୍ଷୁଦ୍ର କୃଷି ଶ୍ରମିକଙ୍କ ସଂଖ୍ୟା ୪୩ ଲକ୍ଷ ୧୯ ହଜାର ୫୪୨ ଅଟେ। ଓୟୁଏଟି କୃଷି ବିଶେଷଜ୍ଞଙ୍କ ହିସାବ ଅନୁସାରେ, ଆଜି ଚାଷ ଏତେ ଖର୍ଚ୍ଚ ବହୁଳ ହେବାର ପ୍ରମୁଖ କାରଣ ମଧ୍ୟରେ ଅନ୍ୟତମ ଅଟେ ଶ୍ରମିକଙ୍କ ଅଭାବ। ସାମାଜିକ ଏବଂ ଆର୍ଥିକ ଭାବରେ କୃଷି ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଏବଂ ଦଳିତ, ଆଦିବାସୀ ବର୍ଗର ଅଟନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୃଷି ଶ୍ରମିକଙ୍କୁ ରାଜ୍ୟ କୃଷି କିମ୍ବା ଶ୍ରମ ବିଭାଗ କେହି ମଧ୍ୟ ନିଜର ବୋଲି କହୁ ନାହାନ୍ତି। ଫଳରେ ଉଭୟ ବିଭାଗ ପକ୍ଷରୁ ଏହି ବିରାଟ ସଂଖ୍ୟାକୁ ନେଇ କୌଣସି ଯୋଜନା ନାହିଁ। ଚାଷୀ ନେତା ସରୋଜଙ୍କ କହିବା ଅନୁସାରେ, ପୁରୁଣା କୃଷି ବ୍ୟବସ୍ଥାରେ କୃଷି ଶ୍ରମିକମାନେ ବଡ଼ ଚାଷୀଙ୍କ ଘରେ ଏକପ୍ରକାର କ୍ରୀତଦାସ ଭଳି ଥିଲେ। ଆବଶ୍ୟକ ସମୟରେ କିଛି ଟଙ୍କାର ଋଣ ଦେଇ ବଂଶାନୁକ୍ରମରେ ଦାସ ଭଳି କାର୍ଯ୍ୟ କରୁଥିଲେ। ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ପୂର୍ବରୁ ଦାରିଦ୍ର୍ୟ ଏଭଳି ଥିଲା ଯେ କିଛି ଖାଦ୍ୟ ଏବଂ ନାମମାତ୍ର ମଜୁରୀରେ ସେମାନେ ହାଡ଼ ଭଙ୍ଗା ପରିଶ୍ରମ କରୁଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ମନରେଗା ସହିତ କାରଖାନା ଏବଂ ରାଜ୍ୟ ବାହାରେ ବର୍ଷ ତମାମ ଅଧିକ ପ୍ରାପ୍ୟ ସହିତ ରୋଜଗାର ବ୍ୟବସ୍ଥା ସୃଷ୍ଟି ପରେ ନୂଆ ପିଢ଼ି କୃଷି ଶ୍ରମିକ ହେବାକୁ ଚାହୁଁ ନାହାନ୍ତି।

ଏଣେ ଚାଷ ବ୍ୟୟ ବହୁଳ ହେବା ସହିତ ଅଭାବୀ ବିକ୍ରି ସମସ୍ୟା ଯୋଗୁଁ ଛୋଟ ଏବଂ ନାମମାତ୍ର ଚାଷୀ ଚାହିଁଲେ ମଧ୍ୟ ଅଧିକ ପ୍ରାପ୍ୟ ଦେଇ କୃଷି ଶ୍ରମିକଙ୍କୁ ଆକର୍ଷିତ କରିପାରୁ ନାହାନ୍ତି। ଏସବୁ କାରଣରୁ ଚାଷ ବିଳମ୍ବିତ ହେଉଛି ଏବଂ ଅନେକ କ୍ଷେତ୍ରରେ ଚାଷୀ ଚାଷ ଛାଡ଼ିବା ପଛର ଏହା ଏକ କାରଣ।

ସମ୍ବଲପୁର ଚାଷୀ ଅଶୋକ ପ୍ରଧାନଙ୍କ କହିବା କଥା, ଗାଁରେ କୃଷି ଶ୍ରମିକ ମିଳୁନଥିବାରୁ ପଶ୍ଚିମ ଓଡ଼ିଶାର ଅଧିକାଂଶ ଚାଷୀ ଛତିଶଗଡ଼ର ଠିକା କୃଷି ଶ୍ରମିକଙ୍କ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଚାଷୀଙ୍କୁ ଅନ୍ୟୂନ ୧୨ରୁ ୧୫ ଶ୍ରମିକଙ୍କ ଆବଶ୍ୟକତା ହୁଏ। ଧାନ କାଟିବା ସମୟରେ ଛତିଶଗଡ଼ ଶ୍ରମିକ ଦଳଙ୍କୁ ଯୋଗାଯୋଗ କରାଯାଏ। ୫୦ ଜଣ ଶ୍ରମିକ ସ୍ୱଳ୍ପ ସମୟରେ ଏକାଧିକ ଚାଷୀଙ୍କ ସହିତ କାର୍ଯ୍ୟ କରି ଫେରି ଯାଆନ୍ତି। ଶ୍ରମିକ ଦଳଙ୍କ ମଧ୍ୟରେ ଅଧିକାଂଶ ମହିଳା ଥାଆନ୍ତି। ଛତିଶଗଡ଼ ଉପରେ ନିର୍ଭରଶୀଳତା ଯୋଗୁଁ ନିର୍ବାଚନ ଏବଂ ୨୦୨୦ ମସିହାର ଲକଡାଉନ ଯୋଗୁଁ ଧାନ କାଟିବା ବିଳମ୍ବିତ ହୋଇଥିଲା। ଗଞ୍ଜାମ ଚାଷୀ ସୀମାଞ୍ଚଳ ନାଏକ, ନୟାଗଡ଼ ଚାଷୀ ପିତବାସଙ୍କ କହିବା ଅନୁସାରେ, ତାଙ୍କ ଜିଲ୍ଲାରେ କୃଷି ଶ୍ରମିକ ଅଭାବ ରହିଥିଲେ ମଧ୍ୟ ବାହାର ରାଜ୍ୟର କେହି ଏଠି କାମ କରୁନାହାନ୍ତି। ବର୍ତ୍ତମାନ ଅନେକ ଚାଷ କାର୍ଯ୍ୟ ମେସିନ ଦ୍ୱାରା ହେଉଥିବାରୁ କୃଷି ଶ୍ରମିକଙ୍କ କାର୍ଯ୍ୟ ସଙ୍କୁଚିତ ହେଉଛି।

ଭୁବନେଶ୍ୱର କୃଷି ଶ୍ରମିକ ରବିନ୍ଦ୍ର ଦାସଙ୍କ କହନ୍ତି, ସେ ନିଜେ ଜଣେ ଚାଷୀ ଏବଂ ଅନ୍ୟ ଜମିରେ କୃଷି ଶ୍ରମିକ ଅଛନ୍ତି। ଏତେ ପରିଶ୍ରମ ପରେ ବି ଘରର ଆର୍ଥିକ ସମସ୍ୟା ଦୂର କରିପାରନ୍ତି ନାହିଁ। ତାଙ୍କ ସନ୍ତାନ ଏହି କାର୍ଯ୍ୟ ପାଇଁ ଆଗ୍ରହୀ ନାହାନ୍ତି। ସାମାଜିକ କର୍ମକର୍ତ୍ତା ଉମି ଡାନିଏଲଙ୍କ ମତ ହେଉଛି, ଅଧିକାଂଶ ପ୍ରବାସୀ ଶ୍ରମିକ ହେଲେ କୃଷି ଶ୍ରମିକ କିମ୍ବା ସେହି ପରିବାରର ଅଟନ୍ତି। ବର୍ତ୍ତମାନ ସ୍ଥିତି ଏଭଳି ଯେ କେରଳର ଅନେକ ଚାଷୀ ଅଧିକ ରୋଜଗାର ପାଇଁ ନିଜ ଜମି ଛାଡ଼ି ବାହାର ଦେଶକୁ ଚାଲି ଯାଇଛନ୍ତି। ସେମାନଙ୍କ ଛାଡ଼ି ଯାଉଥିବା ଜମିରେ ଓଡ଼ିଆ ଶ୍ରମିକ କର ନେଇ ଚାଷ କରୁଛନ୍ତି। ବର୍ତ୍ତମାନ ସ୍ଥିତିରେ କୃଷି କ୍ଷେତ୍ରରେ କୃଷି ଶ୍ରମିକ ସଙ୍କଟ ସମସ୍ୟାକୁ ଏଣିକି ସରକାର ଗୁରୁତ୍ୱର ସହିତ ବିଚାର କରିବାର ଆବଶ୍ୟକତା ରହିଛି। ଶ୍ରମିକ ଅଳସୁଆ ହେଲେଣି କହି ଏହାକୁ ଅବହେଳା କଲେ ଆହୁରି ବଡ଼ ସଙ୍କଟ ସୃଷ୍ଟି ହେବ ବୋଲି ଅଧିକାଂଶ ବିଶେଷଜ୍ଞ ମତ ଦିଅନ୍ତି।

## ଶିଶୁମାନଙ୍କର ସୁରକ୍ଷା ଓ ଯତ୍ନ ପାଇଁ ତାଲିମ୍

ବଲାଙ୍ଗିର, ୦୫/୧ (ନି.ପ୍ର): ତୁରେକେଲା ବ୍ଲକ୍ ସଭାଗୃହ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ତାଲିମ ଅନୁଷ୍ଠିତ ହୋଇଥିଲା। ଉକ୍ତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ତୁରେକେଲା ବ୍ଲକ୍ ର ଗୋଷ୍ଠି ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କ ପାଇଁ ଥିବା ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ତୁରେକେଲା ବ୍ଲକ୍ ର ଜିଲ୍ଲା ପରିଷଦ ସଭ୍ୟ କୌଶିକ ମେହେର ଶିଶୁ ସୁରକ୍ଷା ଉପରେ ଜଣାଇଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରତ୍ନମଣି ବରାଲ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ସୁରକ୍ଷା ଓ ଯତ୍ନ ଉପରେ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ ବେଟି ବଚାଓ ବେଟି ପଢାଓ, ଝିଅ ବଂଚାନ୍ତୁ ଝିଅ ପଢନ୍ତୁ। ଏହି ଅବସରରେ ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଚୁଡ଼ାମଣି ପଣ୍ଡା କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି ଏବଂ ଶିକ୍ଷା ସଶକ୍ତିକରଣ କରାଇବା, ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବୁଝାଇଥିଲେ। ଏହି ଅବସରରେ ପୂର୍ବତନ ଶିଶୁ ମଙ୍ଗଳ କମିଟି ର ସଭ୍ୟ ବିରଂଚି ବହିଦାର କିଶୋର ନ୍ୟାୟ ଆଇନ, ପୁତ୍ର ସନ୍ତାନ ପ୍ରାଧାନ୍ୟ ଓ ଲିଙ୍ଗ ନିରୂପଣ ନିମିତ ଥିବା ବିଧି, ପୋସ୍କୋ ଆଇନ୍ ଉପରେ ଜଣାଇଥିଲେ।

## ଅଲେଇଶୁଣୀଙ୍କ ମକର ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

କୋରେଇ, ୦୫/୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ଓ ଜହ୍ନା ପଂଚାୟତର ଗଣପର୍ବ ମା ଅଲେଇଶୁଣୀଙ୍କ ପୀଠରେ ଆସନ୍ତା ମକର ସଂକ୍ରାନ୍ତି ଠାରୁ ପାଂଚ ଦିନ ବ୍ୟାପି ମେଳା ଓ ମହୋତ୍ସବ ବହୁ ଆଡ଼ମ୍ବରରେ ପାଳନ କରାଯିବା। ଇତ୍ୟ ଅବସରରେ ଅଲେଇଶୁଣୀ ମେଳାର ସଭାପତି ସମାଜସେବୀ ପ୍ରିତୀରଂଜନ ସାହୁ (ଲିପା)ଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଆୟୋଜିତ ହୋଇ ଆସୁଥିବା ଉକ୍ତ ମେଳାରେ ପଡ଼ୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଂଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ମେଳାକୁ କିପରି ଆହୁରି ସରସ ସୁନ୍ଦର ଓ ଆକର୍ଷଣୀୟ କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର ସମ୍ପାଦକ ପ୍ରଦୀପ ଖଣ୍ଡାଇ ଗତ ବର୍ଷର ବିବରଣୀ ପାଠ କରିଥିବା ବେଳେ ଜହ୍ନା ପଂଚାୟତର ସରପଞ୍ଚ ସଂଯୁକ୍ତା ସାହୁଙ୍କ ଆନ୍ତରିକ ଉଦ୍ୟମରେ ରାଜ୍ୟ ସରକାର ମାଙ୍କ ପୀଠର ବିକାଶ ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ସରପଂଚଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ପାଂଚ ଦିନ ବ୍ୟାପି ଅଖଣ୍ଡ ମହାଯଜ୍ଞ, ମୀନାବଜର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କମିଟିର ବରିଷ୍ଠ ସଦସ୍ୟ ଚନ୍ଦ୍ରକାନ୍ତ ଖଣ୍ଡାଇ ସୁଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସୋମନାଥ ସାହୁ, ଗୋପାଳଚନ୍ଦ୍ର ଦାଶ, ସୁଶାନ୍ତ ମହାପାତ୍ର, ରବିନ୍ଦ୍ର କୁମାର ସେଠୀ, ଶତ୍ରୁଘ୍ନ ସାହୁ, କୀର୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା. ମନୋଜ ନାୟକ, ସତ୍ୟବ୍ରତ ଖଣ୍ଡାଇ, ବିଦ୍ୟାଧର ବେହେରା, ସତ୍ୟାନନ୍ଦ ମହାପାତ୍ର, ଶଙ୍କର୍ଷଣ ବିନ୍ଧାଣୀ, ଧନେଶ୍ୱର ବୋଇତାଇ, ଅନିରୁଦ୍ଧ ବେହେରା, ନିତ୍ୟାନନ୍ଦ ସାହୁ, ନାରାୟଣ ବୋଇତାଇ, ଗୋକୁଳ ସାହୁ, ପ୍ରଫୁଲ୍ଲ ମାଝୀ, ହରେକୃଷ୍ଣ ସାହୁ, ଦିଗାମ୍ବର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଶ୍ୱରଂଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାମନ୍ତ ଚନ୍ଦ୍ରଶେଖର ଜୟନ୍ତୀ ପାଳିତ

ପୁରୀ, ୦୫/୧ (ନି.ପ୍ର): ଉତ୍କଳ ବ୍ରାହ୍ମଣ ସମିତି, ହେରାଗୋହିରୀ ସାହୀ ଆନୁକୂଲ୍ୟରେ ସାମନ୍ତ ଚନ୍ଦ୍ରଶେଖର ପାଠାଗାର ପରିସରରେ ପଠାଣି ସାମନ୍ତଙ୍କ ୧୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୀ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ହୋଇଥିବା ଏହି ସଭାରେ ଅନୁଷ୍ଠାନର ସଭାପତି ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ ସମ୍ପାଦକୀୟ୍ ବିରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ର ପୂର୍ବତନ ନିର୍ଦ୍ଦେଶକ ଡ଼ଃ ହରପ୍ରସାଦ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଦାଶିବ ମିଶ୍ର ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚନା ରେ ପଠାଣି ସାମନ୍ତଙ୍କ ଜନ୍ମ ଦିନକୁ ଜ୍ୟୋତିର୍ବିଦ ଦିବସ ଭାବେ ପାଳନ ପାଇଁ ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନ ତରଫରୁ ପୁରୀ ପୌରାଂଚଳ ମଧ୍ୟରେ ଥିବା ହାଇସ୍କୁଲର ୨୦୨୩ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ବିଦ୍ୟାମନ୍ଦିର, ଘୋଡ଼ା ବଜାର ର ଛାତ୍ରୀ ସୁଚୀସ୍ମିତା ମୁଦୁଲି ଙ୍କୁ ରମା ଦେବୀ ସ୍ମୃତି ପୁରସ୍କାର, ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ସେହି ସ୍କୁଲର ଛାତ୍ର ସ୍ୱାଧୀନ ତ୍ରିପାଠୀ ଓ ଶୁଭଶ୍ରୀ ରାଉତଙ୍କୁ ଯଥାକ୍ରମେ ଭୁବନେଶ୍ୱର ମିଶ୍ର ସ୍ମୃତି ପୁରସ୍କାର ଓ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପୁରସ୍କାର ରେ ସମ୍ମାନିତ କରାଯାଇ ପ୍ରତ୍ୟେକ ଙ୍କୁ ପୁଷ୍ପଗୁଚ୍ଛ ଓ ଦୁଇ ହଜାର ଲେଖାଏଁ ଅର୍ଥ ପ୍ରଦାନ କରାଯାଇଥିଲା। ପରେ ଅନୁଷ୍ଠାନ ଦ୍ୱାରା ସାମନ୍ତ ଚନ୍ଦ୍ରଶେଖର ସମ୍ପର୍କରେ ହୋଇଥିବା ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ ସହ ଏଥିରେ ଅଂଶଗ୍ରହଣକାରୀ ସମସ୍ତ ଙ୍କୁ ସାନ୍ତ୍ୱନା ମୁଳକ ପୁରସ୍କାର ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ଦ୍ୱୋନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ-ଓ ଯୁବ ଉତ୍ସବ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ପୁରୀ, ୦୫/୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଏ ସମ୍ପର୍କରେ ଏକ ବୈଠକ ଜିଲ୍ଲା ପରିଷଦର ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୁବ ବର୍ଗ ମାନଙ୍କ ପ୍ରତିଭା ଓ ଦକ୍ଷତା ବିକାଶ ପାଇଁ ଏକ ଅନନ୍ୟ ପଦକ୍ଷେପ। ତେଣୁ ପୂର୍ବରୁ ପ୍ରତ୍ୟେକ ମହାବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଥିବା ବିବିଧ ପ୍ରତିଯୋଗିତାର ପ୍ରତିଯୋଗୀଙ୍କ ମଧ୍ୟରେ ଜିଲ୍ଲା ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଯୁବ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ୨ ଓ ୩ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଏକକ ଓ ଦଳଗତ ନୃତ୍ୟ, ଏକକ ଓ ଦଳଗତ ସଂଗୀତ, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି କହିଥିଲେ। ସେହିପରି ଡିଷ୍ଟ୍ରିକ୍ଟ୍ ଫେଷ୍ଟ ବା ଜିଲ୍ଲା ଉତ୍ସବ ଯାହା ଜାନୁଆରୀ ଶେଷ ସପ୍ତାହରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉତ୍କଳ ସମ୍ମିଳନୀ ତରଫରୁ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୦୫/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକଣ୍ଡା ବ୍ଲକ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମଠାରେ ମାଲକାନଗିରି ଉତ୍କଳ ସମ୍ମିଳନୀ ତରଫରୁ ଏକ ସଚେତନତା ସଭାର ଆୟୋଜନ ହୋଇଛି। ଏହି ସଭାରେ ଉତ୍କଳ ସମ୍ମିଳନୀ ଶାଖାର ସଭାପତି ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦାନ କରି ଗାଁ ଗହଳିରେ ବସବାସ କରୁଥିବା ଜଣେ ବ୍ୟକ୍ତି ଗୋଟେ ଗୋଟେ ଯନ୍ତ୍ରୀ ଅଟନ୍ତି। ମାଲକାନଗିରି ଭଳି ଉପାନ୍ତ ଅଂଚଳରେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ମାଲକାନଗିରିର ଉତ୍କଳ ସମ୍ମିଳନୀକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ମହାପାତ୍ର ଯୋଗଦାନ କରି ଗ୍ରାମର ପ୍ରତି ବ୍ୟକ୍ତି ସ୍ୱାସ୍ଥ୍ୟ ଓ ପରିବେଶ ବିଷୟରେ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଶଙ୍କର ମିସ୍ତ୍ରୀ ଅନ୍ୟତମ ଅତିଥି ଶିଶିରକାନ୍ତ ପ୍ରଧାନ ଶିକ୍ଷାର ପ୍ରଚାର ଓ ପ୍ରସାର ହେଲେ ଦେଶର ବିକାଶ ହୋଇପାରିବ ବୋଲି ମତ ପୋଷଣ କରିଥିଲେ। ଗାଁ ର ମୁଖିଆ କୃଷ୍ଣ ଚନ୍ଦ୍ର ମାଡ଼କାମି ସ୍ୱାଗତ କରିଥିବା ବେଳେ ସୁକାନ୍ତି ବିଶ୍ୱାଳ ବାଲ୍ୟବିବାହ ବିଷୟରେ ଏକ ଶପଥ ପାଠ କରାଇଥିଲେ। ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାମା ପଡ଼ିଆମି, ମଙ୍ଗଳା କବାସି, ଆଡମେ ମାଡ଼ି, କୈଳାଶ କବାସି, ଦୃପତି ମାଡ଼ିଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ସଫଳ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ, ମହିଳା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବି ଯୋଗଦାନ କରି ସଫଳ କରିଥିଲେ। ଶେଷରେ ଛାତ୍ର ବିଶ୍ୱନାଥ ମାଡକାମି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ସମରେନ୍ଦ୍ରଙ୍କ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର, ୦୫/୧ (ନି.ପ୍ର): ବଲାଙ୍ଗିରର ଜୀବନରେଖା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପଣ ହୋଇଯାଇଛି କିନ୍ତୁ ଆହୁରି ଅନେକ ମାସ ପର୍ଯ୍ୟନ୍ତ ବି ଚାଷୀର ଖେତକୁ ପାଣି ପହଂଚିବ ନାହିଁ ତା ସତ୍ତ୍ୱେ ବିଡମ୍ବନାର ବିଷୟ ଏହି ଯେ ଯେଉଁ ସ୍ଥାନୀୟ ସରକାରୀ ଦଳର ନେତାମାନେ ପ୍ରକଳ୍ପ କାମ ଆରମ୍ଭ ବେଳେ ପ୍ରକଳ୍ପ କରାଇ ଦେବୁ ନାହିଁ ବୋଲି ଭଗବାନଙ୍କୁ ଧରି ବିସ୍ଥାପିତ ଗାଁମାନଙ୍କରେ ଲୋକଙ୍କ ସାମନାରେ ଶପଥ କରିଥିଲେ ଆଜି ସେମାନେ ବିସ୍ଥାପିତ ଜନସାଧାରଣଙ୍କ ଆଗରେ ପୋଷ୍ଟର ମାରି ବାହା ବାହା ନେଉଛନ୍ତି। ସେମାନଙ୍କର ଯଦି ସଦ୍ଭାହାସ ଅଛି କୁହନ୍ତୁ ଯେ, ପ୍ରକଳ୍ପରେ ବୁଡିବାକୁଥିବା ୨୯ ଖଣ୍ଡ ଗାଁ କୁ କେତେ ଥର ଯାଇଛନ୍ତି। ମୁଁ ତ ଜୋର ଦେଇ କହିପାରିବି ଗତ ୨୩ ବର୍ଷ ଭିତରେ ପ୍ରକଳ୍ପ ପ୍ରଭାବିତ ୨୯ ଖଣ୍ଡ ଗାଁରେ ଲୋକଙ୍କ ସମସ୍ୟା ଶୁଣିବାକୁ ୨୯ ଘଣ୍ଟା ମଧ୍ୟ ସମୟ ଦେଇ ନାହାନ୍ତି ବୋଲି ସରକାରଙ୍କ ଦ୍ୱାରା ଲୋୟର ସୁକତେଲ ପ୍ରକଳ୍ପର ଲୋକାର୍ପଣ ଉତ୍ସବର ଗୋଟିଏ ଦିନ ପରେ ଆଜି ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ସରକାରୀ ଦଳ ନେତାଙ୍କ ବିରୁଦ୍ଧରେ ବିଷୋଧଗାର କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଏମାନେ କେବେ ବି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କର ଦୁଃଖ ର କଥା କୌଣସି ବି ଜାଗାରେ କହିନାହାନ୍ତି। ସରକାର କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଠାରେ ଗୋଟିଏ ଥର ବି କହିନଥିବେ କାରଣ ଏମାନଙ୍କୁ ତାଙ୍କର ଚାକିରି ଯିବାର ଭୟ ଅଛି। ସାମ୍ବାଦିକ ସମ୍ମିଳନୀରେ ସମରେନ୍ଦ୍ର ଏହା ମଧ୍ୟ କହିଛନ୍ତି ଯେ, ଲୋକାର୍ପଣ କୁ ନେଇ ରାଜନୈତିକ ଗନ୍ଧ ଓ ବିସ୍ଥାପିତମାନଙ୍କ ଦୁଃଖକୁ ନେଇ ସରକାରୀ ଦଳର ନେତାଙ୍କ କୁମ୍ଭିର କାନ୍ଦଣା ବେଶି ଥିଲା କାରଣ ମଂଚରେ ବାହା ବାହା ନେଉଥିବା ଜଣେ ବି ସରକାରୀ ଦଳର ନେତା ଏ ବିସ୍ଥାପିତମାନଙ୍କ ଗାଁ କୁ ତାଙ୍କ ସମସ୍ୟା ସମାଧାନ ପାଇଁ ଯିବାତ ଦୂରର କଥା ସେମାନେ ତାଙ୍କ ସମସ୍ୟା କଣ ଅଛି ଜାଣିନଥିବେ। ଆଗାମୀ ନିର୍ବାଚନର ଭୟ ତଥା ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ତରବରିଆ ପ୍ରକଳ୍ପ ଉଦ୍ଘାଟନକୁ ଶ୍ରୀ ମିଶ୍ର ତିବ୍ର ନିନ୍ଦା କରିଥିଲେ। ସେ ଏହି ମର୍ମରେ କହିଥିଲେ ମାନ୍ୟବର ବିଧାୟକଙ୍କ ଦ୍ୱାରା ଉଦ୍ଘାଟନ ଓ ଭିତିପ୍ରସ୍ତର ଦିଆଯାଇଥିବା ଏପରି ଅନେକ ପ୍ରକଳ୍ପ ଅଛି ଯାହାକୁ କି ମୁଖ୍ୟମନ୍ତ୍ରୀ ପୁଣି ଥରେ ଉଦ୍ଘାଟନ ଓ ଭିତିପ୍ରସ୍ତର ଦେଇଛନ୍ତି କିନ୍ତୁ ବଲାଙ୍ଗିର ର ବିକାଶ ପାଇଁ ଆଉ ଦୁଇଟି ପ୍ରକଳ୍ପ ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ସିଭିଲକୋର୍ଟ କୋଠା ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଚେଷ୍ଟାରେ ମଞ୍ଜୁରି ପାଇଥିବା ସ୍ଥଳେ ସେହି ଦୁଇଟି ପ୍ରକଳ୍ପକୁ ଷଡଯନ୍ତ୍ର କରି ସ୍ଥାନୀୟ ବିଜେଡି ନେତାମାନେ ଅଟକାଇ ଦେଇଛନ୍ତି। ଯଦି ଜମି ଜବରଦଖଲ ସମସ୍ୟା ଅଛି ତେବେ ସେହି ଜବରଦଖଲକାରୀ ଗରିବ ଲୋକଙ୍କୁ ସେଠାରେ ତାଙ୍କର ପଟ୍ଟା ପ୍ରଦାନ କରି ତୁରନ୍ତ ଏହି ଦୁଇ ପ୍ରକଳ୍ପ ଯେଉଁଠାରେ ଜମି ଅଛି ନିର୍ମାଣ କରାଯିବାର ପଦକ୍ଷେପ ସରକାର ନିଅନ୍ତୁ ବୋଲି ସମରେନ୍ଦ୍ର ଦାବି କରିଥିଲେ।

# ମାଲକାନଗିରିରୁ ଉଡ଼ିବ ବିମାନ: ଖୁବ ଶ୍ରୀଘ୍ର ହେବ ଟ୍ରାଏଲ ରନ୍, ଟର୍ମିନାଲ ଓ ଗେଷ୍ଟରୁମ୍ କାମ ତ୍ୱରାନ୍ୱିତ

ମାଲକାନଗିରି, ୦୫/୧ (ନି.ପ୍ର): ବର୍ଷ ବର୍ଷ ଧରି ଅପେକ୍ଷା ଥିବା ସ୍ୱପ୍ନ ପୂରଣ ହେବାକୁ ଯାଉଛି। ମାଲକାନଗିରିକୁ ବିମାନସେବା ଖୁବ ଶ୍ରୀଘ୍ର ଆରମ୍ଭ ହେବାକୁ ଯାଉଛି। ରନୱେ ନିର୍ମାଣ ହୋଇସାରିଥିବା ବେଳେ ଏବେ ଟର୍ମିନାଲ ଓ ଗେଷ୍ଟରୁମକୁ ପ୍ରସ୍ତୁତ କରାଯାଉଛି। ବିମାନବନ୍ଦର କାମ ତୁରନ୍ତ ଶେଷ ହେଲେ ଚଳିତମାସରେ ଏହାର ଉଦଘାଟନ ହେବା ନେଇ ପ୍ରସ୍ତୁତିରୁ ଜଣାପଡିଛି। ଆସନ୍ତା ୩ ଦିନ ଭିତରେ ମାଲକାନଗିରି ବିମାନବନ୍ଦରରେ ବିମାନର ଟ୍ରାଏଲରନ୍ ପାଇଁ ପ୍ରସ୍ତୁତି କରାଯାଉଛି। ଏନେଇ ସମସ୍ତ କାମ ତ୍ୱରାନ୍ୱିତ ହୋଇଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର କାମର ସମୀକ୍ଷା କରୁଛନ୍ତି। ମାଲକାନଗିରି ସହର ଉପକଣ୍ଠ କୋଟେଲଗୁଡା ଠାରେ ବିମାନବନ୍ଦର ନିର୍ମାଣ କରାଯାଉଛି। ଏହାର ରନୱେର ଲମ୍ବ ୧୬୨୦ ମିଟର ରହିଥିବା ବେଳେ ଓସାର ୩୦ ମିଟର ରହିଛି। ରନୱେରେ ପିଚୁ ପଡିବା କାମ ଶେଷ ହୋଇଥିବା ବେଳେ ସେଠାରେ ବିମାନ ଅବତରଣ ଓ ଉଠାଣ ପାଇଁ ଆବଶ୍ୟକୀୟ ଧଳା ଚିହ୍ନ ମଧ୍ୟ ଦିଆସରିଛି। ଏଥିସହ ରନୱେରେ ବିମାନ ଆସିବା ପରେ ବିମାନ ରହିବା ଥିବା ପାର୍କିଂ ସ୍ଥାନକୁ ପ୍ରସ୍ତୁତ କରାଯାଉଛି। ଯେଉଁଠି ବିମାନରେ ଲୋକେ ବସିବ ଓ ସେଥିରୁ ଓହ୍ଲାଇବେ। ସେଠାରେ ଟର୍ମିନାଲ ଗୃହ ନିର୍ମାଣ ହୋଇସାରିଥିବା ବେଳେ ତାହାର ଭିତର କାର୍ଯ୍ୟ କରାଯାଉଛି। ସେଠାରେ ଟିକଟ କାଉଣ୍ଟର, ଟର୍ମିନାଲ ମ୍ୟାନେଜର କୋଠରୀ, ସାଧାରଣ ଶୌଚାଳୟ, ଦିବ୍ୟାଙ୍ଗ ଶୌଚାଳୟ, ଷ୍ଟୋର ରୁମ୍, ଅପେକ୍ଷାଗୃହ, ଭିଆଇପି ଗୃହ, ସାମଗ୍ରୀ ଚେକ୍ କରିବା ସ୍ଥାନ ଆଦିର ନିର୍ମାଣ କରାଯାଉଛି। ଲୋକେ ଯେଉଁ ପଟେ ଆସିବେ ଓ ବିମାନରେ ବସିବା ପାଇଁ ଯିବେ ଦୁଇପଟ ରାସ୍ତା ନିର୍ମାଣ ହେଉଛି। ଟର୍ମିନାଲ ପାର୍ଶ୍ୱରେ ବଡ ଜେନେରେଟର ଲଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଟର୍ମିନାଲ ବିଲଡିଂ ପାର୍ଶ୍ୱରେ ଗେଷ୍ଟ ହାଉସ୍ ନିର୍ମାଣ କରାଯାଇଛି। ତାହାର ଭିତରେ ୨ଟି ବେଡରୁମ୍ ସୁଟ୍, ଲିଭିଙ୍ଗ୍ ରୁମ୍, ଡାଇନିଙ୍ଗ୍ ହଲ୍, ରୋଷେଇଗୃହ, ଶୌଚାଳୟ ଓ ଗାର୍ଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଥିସହ ମାଲକାନଗିରି-ବାଲିମଳା




ରାସ୍ତାରୁ ବିମାନବନ୍ଦର ପର୍ଯ୍ୟନ୍ତ ରହିଥିବା ଆପ୍ରୋଚ ରାସ୍ତାକୁ ନିର୍ମାଣ କରାଯାଉଛି। ଏହି ଆପ୍ରୋଚ ରାସ୍ତା ବର୍ତ୍ତମାନ ବ୍ୟବହାର କରାଯିବ ପରବର୍ତ୍ତୀ ସମୟରେ ଟର୍ମିନାଲ ସିଧାରେ ବାଲିମେଳା ରାସ୍ତାକୁ ସଂଯୋଗ କରୁଥିବା ନୂତନ ରାସ୍ତା ନିର୍ମାଣ କରାଯିବ। ଏଥିସହ ବିମାନବନ୍ଦରକୁ ଯିବା ରାସ୍ତାରେ ଦୁଇଟି ସ୍ଥାନରେ ବିରାଟ ସୂଚନା ଫଳକ ମଧ୍ୟ ଲଗାଯାଇଛି। ବିମାନବନ୍ଦରକୁ ଦେଖିବା ପାଇଁ ବହୁ ଲୋକ ସେଠାକୁ ଯାଉଥିବା ବେଳେ ସର୍ବସାଧାରଣଙ୍କୁ ବାରଣ କରାଯାଇଛି ଏବଂ ପାଚେରୀ ଭିତରୁ ପ୍ରବେଶ କଲେ ୫ ହଜାର ଟଙ୍କା ଜରିମାନା ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିସହ ଅବାଧ ପ୍ରବେଶକୁ ରୋକିବା ପାଇଁ ପୁଲିସ ମଧ୍ୟ ସେଠାରେ ମୁତୟନ କରାଯାଇଛି। ବିମାନବନ୍ଦର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ବେଳେ ବିଭିନ୍ନ ସମୟରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟିମ୍ ମାଲକାନଗିରିକୁ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ଉଦଘାଟନ ପୂର୍ବରୁ ସମସ୍ତ କାମ ସାରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ନିୟମିତ ଭାବେ କାର୍ଯ୍ୟକୁ ଦେଖିବା ସହ ସମୀକ୍ଷା କରୁଛନ୍ତି। ବିମାନର ଟ୍ରାଏଲ ରନ୍ ହେବା ପରେ ବିମାନ ଉଡାଣ ଓ ଅବତରଣକୁ ରହିଥିବା ସୁବିଧା ଅସୁବିଧା ସମସ୍ତ ବିଷୟରେ ଜଣାପଡିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂ କହିଛନ୍ତି ଯେ, ରନୱେ କାମ ସମ୍ପୂର୍ଣ୍ଣ ଶେଷ ହୋଇଛି। ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଟ୍ରାଏଲ ରନ୍ ହୋଇଯିବ। ଏହାର ସପ୍ତାହକ ପରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିବା ନେଇ ପ୍ରସ୍ତୁତ କରାଯାଉଥିବା ନେଇ କହିଛନ୍ତି।

# ଜୟପୁର ବ୍ଲକରେ ବୁଲିବ ଶ୍ରୀ ମନ୍ଦିର ପରିକ୍ରମା ରଥ

ଜୟପୁର, ୦୫/୧ (ନି.ପ୍ର): ଶ୍ରୀ ମନ୍ଦିର ପରିକ୍ରମା ରଥକୁ ପ୍ରତ୍ୟେକ ପଂଚାୟତରେ ବୁଲିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା ସହ ବ୍ଲକର କର୍ମଚାରି ମାନେ ଉପସ୍ଥିତ ଥିଲେ। ଆସନ୍ତା ୬ ତାରିଖରୁ ୧୬ ତାରିଖ ଯାଏ ଜୟପୁର ବ୍ଲକର ୨୨ଟି ପଂଚାୟତର ପ୍ରତ୍ୟେକ ଗ୍ରାମରେ ଶ୍ରୀ ମନ୍ଦିର ପରିକ୍ରମା ରଥ ବୁଲିବ। ପ୍ରତ୍ୟେକ ଘରୁ ଚାଉଳ ଗୁଆ ସଂଗ୍ରହ କରାଯିବ। ୧୭ ତାରିଖରେ ସମସ୍ତ ଗୁଆ ଚାଉଳ ଜୟପୁର ବ୍ଲକ କାର୍ଯ୍ୟାଳୟରେ ପହଂଚିବ।

# ପାଣିପାଗ ଶସ୍ୟକୁ ବିଷାକ୍ତ କରୁଛି !



ପାଣିପାଗରେ ଅଦ୍ଭୁତ ପ୍ରକାର ପରିବର୍ତ୍ତନ ଯୋଗୁଁ ଖାଦ୍ୟଶସ୍ୟଗୁଡ଼ିକ ଅଧିକ କେମିକାଲ କମ୍ପାଉଣ୍ଡ ସୃଷ୍ଟି କରୁଛନ୍ତି ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ବୈଜ୍ଞାନିକମାନେ ସୂଚାଇ ଦେଇଛନ୍ତି । ଗହମ ତଥା ମକା ପରି ଶସ୍ୟ ପାଗ ପରିବର୍ତ୍ତନରୁ ନିଜକୁ ସୁରକ୍ଷିତ ରଖିବା ଲାଗି ଅଧିକ ଅନ୍ତର୍ନିହିତ ଟକ୍ସିନ କ୍ଷରଣ କରୁଥିବା ଏକ ନୂଆ ରିପୋର୍ଟରେ ପ୍ରକାଶ କରାଯାଇଛି । ଏହି କେମିକାଲ କମ୍ପାଉଣ୍ଡ ଗୁଡ଼ିକ ଅଧିକ ଦିନ ଖାଇବା ଉଭୟ ମଣିଷ ଏବଂ ପଶୁଙ୍କ ପାଇଁ କ୍ଷତିକାରକ ବୋଲି ନାଇରୋବି ଠାରେ ଜାତିସଂଘ ଏନଭାଇରନମେଣ୍ଟ ଆସେମ୍ବଲିରେ କୁହାଯାଇଛି । ମରୁଡ଼ି, ଅତ୍ୟଧିକ ତାପାମାତ୍ରା ବୃଦ୍ଧି, ପ୍ରବଳ ବର୍ଷା ଯୋଗୁଁ ଗଛଗୁଡ଼ିକ ନାଇଟ୍ରେଟକୁ ପ୍ରୋଟିନରେ ପରିଣତ କରିପାରୁ ନାହାନ୍ତି ତଥା ।










ହାଇଡ୍ରୋଜେନ ସିଆନାଇଡ଼ ପରିମାଣ ଏଥିରେ ବୃଦ୍ଧି ହେଉଛି । ଫଳରେ ଏ ଦୁଇଟି ରସାୟନ ଉକ୍ତ ଶସ୍ୟକୁ ଖାଦ୍ୟଭାବେ ଗ୍ରହଣ କରୁଥିବା ମଣିଷ ଓ ପଶୁ ଉଭୟଙ୍କ ଲାଗି ବିଷାକ୍ତ ହୋଇପାରେ । ଏଥିରେ ବିଶେଷ କ୍ଷତିଗ୍ରସ୍ତ ହେବାକୁ ଥିବା ଶସ୍ୟଗୁଡ଼ିକ ହେଲା ମକା, ଗହମ, ବାର୍ଲି, ସୋୟାବିନ, ବାଜରା ଇତ୍ୟାଦି । ଗଛ ଗୁଡ଼ିକ ସାଧାରଣତଃ ନାଇଟେ୍ରଟକୁ ଆମିନୋ ଏସିଡ଼ କିମ୍ବା ପ୍ରୋଟିନରେ ପରିଣତ କରିଥାନ୍ତି । ହେଲେ, ଦୀର୍ଘଦିନ ମରୁଡ଼ି ପରି ସ୍ଥିତି ଲାଗିରହିବା ଏହି ପ୍ରକ୍ରିୟାକୁ ମନ୍ଥର କିମ୍ବା ପୂରା ବନ୍ଦ କରିଦିଏ । ଏହି ନାଇଟ୍ରେଡ଼ ମଣିଷ ଓ ପଶୁ ଉଭୟଙ୍କ ଶରୀରରେ ଲୋହିତ ରକ୍ତ କଣିକାର ଶରୀରକୁ ଅମ୍ଳଜାନ ଯୋଗାଇବା ଦକ୍ଷତା ହ୍ରାସକରେ । ସେହିପରି ମରୁଡ଼ି ପରେ ହଠାତ୍ ପ୍ରବଳ ବର୍ଷା ହୋଇ ଗଛ ଗୁଡ଼ିକ ବଢ଼ିଯିବା ମଧ୍ୟ ଏଥିରେ ହାଇଡ୍ରୋଜେନ୍ ସିଆନାଇଡ଼ ବା ପ୍ରୁସିକ୍ ଏସଡ଼୍ (ରାସାୟନିକ ଅସ୍ତ୍ରରେ ବ୍ୟବହାର ହେଉଥିବା) ପରି ବିଷାକ୍ତ ତତ୍ତ୍ୱ ବୃଦ୍ଧି କରେ ଯାହା ମଣିଷ ଜୀବନ ପାଇଁ ବିପଜ୍ଜନକ । ୨୦୦୫ରେ ଫିଲିପାଇନ୍ସ ଏବଂ ୨୦୧୩ରେ କେନିଆରେ ଏଭଳି ଘଟଣା ଦେଖାଯାଇଥିଲା ପ୍ରବଳ ବୃଷ୍ଟିପାତ ପରେ ମାତ୍ରାଧିକ ପ୍ରୁସିକ୍ ଏସିଡ଼ ଥିବା କାସାଭା (ଏକପ୍ରକାର କନ୍ଦମୂଳ) ଖାଇ କେନିଆରେ ଦୁଇଟି ପିଲା ମୃତ୍ୟୁବରଣ କରିଥିଲେ । ତେଣୁ ଏବେ ଅଧିକ ତାପମାତ୍ରା ରହୁଥିବା ଦେଶଗୁଡ଼ିକରେ ସ୍ଥିତି ବିପଜ୍ଜନକ ବୋଲି କୁହାଯାଇପାରେ ।

# ଦାନ୍ତ ବିନ୍ଧୁଛି କି ?

**ସାଧାରଣତଃ ଦାନ୍ତ ବିନ୍ଧା କଷ୍ଟଯିଏ ଭୋଗିଛି ସିଏ ଜାଣିଛି । କିନ୍ତୁ ଏହାର ଉପଚାର ଆପଣ ଚାହିଁଲେ ଘରେ ହିଁ କରିପାରିବେ । ଆସନ୍ତୁ ଜାଣିବା ଦାନ୍ତ ବିନ୍ଧା କମାଇବାର ସହଜ ଉପାୟ କିଛି ।**



ରସୁଣରେ ରହିଛି ଆଣ୍ଟିବ୍ୟାକ୍ଟେରିଆଲ କ୍ୱାଲିଟି । ରସୁଣର ପାଖୁଡ଼ାକୁ ଛେଚି ସେଥିରେ ଲୁଣ ମିଶାଇ ବିନ୍ଧୁଥିବା ସ୍ଥାନରେ ଲଗାନ୍ତୁ, ଆରାମ ମିଳିବ । ଗୋଟିଏ କପ୍ ଉଷୁମ ପାଣିରେ ୧ ଚାମଚ ଲୁଣ ମିଶାନ୍ତୁ । ଏହି ପାଣିକୁ ପାଟିରେ ପୂରାଇ କିଛି ସମୟ ରଖି କୁଳୁକୁଳୁ କରନ୍ତୁ ଆରାମ ମିଳିବ । ଅଦାରେ ରହିଥିବା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟିଇନଫ୍ଲେମେଟରର ଗୁଣ ଯୋଗୁଁ ବିନ୍ଧା ଏବଂ ଫୁଲା ଦୂର ହୋଇଯାଏ । ତେଣୁ ବିନ୍ଧୁଥିବା ସ୍ଥାନରେ ଅଦା ପେଷ୍ଟ ଲଗାନ୍ତୁ କିମ୍ବା ଖଣ୍ଡେ ଅଦା ଚୋବାନ୍ତୁ । କ୍ୟାବିଟି କାରଣରୁ ଦାନ୍ତ ବିନ୍ଧୁଥିଲେ ୪-୫ଟି ପିଜୁଳି ପତ୍ରକୁ ପାଣିରେ ସିଝାଇ ସେହି ପାଣିକୁ କୁଳି କରନ୍ତୁ । ଏହା ପତ୍ରକୁ ଚୋବାଇଲେ ମଧ୍ୟ ଆରାମ ମିଳିଥାଏ । ବିନ୍ଧୁଥିବା ସ୍ଥାନରେ ବରଫ ରଖିବା ଦ୍ୱାରା ବ୍ଲଡ଼ ସର୍କୁଲେସନ କମ ହୋଇଯାଏ ଏବଂ ବିନ୍ଧା ଜଣାପଡ଼େନି । ଫିଟିକିରି ପାଉଡ଼ରକୁ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହି ସମୟରେ ପାଟିରୁ ବାହାରୁଥିବା ଲାଳକୁ ବାହାର କରିଚାଲନ୍ତୁ ।

ଫିଟିକିରି ପାଣିରେ କୁଳି କଲେ ମଧ୍ୟ ଆରାମ ମିଳିଥାଏ । ବିନ୍ଧୁଥିବା ସ୍ଥାନରେ ହେଙ୍ଗୁ କିଛି ରଖନ୍ତୁ । ପାଟିରେ ଲାଳକୁ ଲଗାତାର ବାହାର କରୁଥାନ୍ତୁ । କିଛି ସମୟପରେ ବିନ୍ଧା କମିଯିବ । ବିନ୍ଧୁଥିବା ସ୍ଥାନରେ ଲବଙ୍ଗ ତେଲ ଲଗାଇଲେ କିମ୍ବା ଦାନ୍ତରେ ଲବଙ୍ଗ ଚାପିକି ଧରିଲେ ଆରାମ ମିଳିଥାଏ । ହାତରେ କିଛି ସୋରିଷ ତେଲ ନେଇ ସେଥିରେ କିଛି ଲୁଣ ମିଶାଇ ଦାନ୍ତରେ ମାଲିସ କରନ୍ତୁ ବିନ୍ଧାରୁ ମୁକ୍ତି ମିଳିବ । ତେଜପତ୍ରକୁ ପେଷି ସେଥିରେ କିଛି ଲୁଣ ମିଶାଇ ବିନ୍ଧୁଥିବା ସ୍ଥାନରେ ଲଗାନ୍ତୁ ଉପକାର ମିଳିବ । ଡାଲଚିନି ଏକ ନ୍ୟାଚୁରାଲ ପେନ କିଲର । ଏହାର ପାଉଡ଼ର ବିନ୍ଧୁଥିବା ସ୍ଥାନରେ ଲଗାଇ କିଛି ସମୟ ଶୁଖାଇ ଦିଅନ୍ତୁ ଆରାମ ମିଳିବ । ବିନ୍ଧୁଥିବା ସ୍ଥାନରେ କର୍ପୂର ଲଗାଇଲେ ଆରାମ ମିଳିଥାଏ ।

# ଅଫିସ୍‌ରେ ଖାଇବା ବେଳେ...

**ଗୋଟେ ହାତରେ ପେନ ଆଉ ଅନ୍ୟଟିରେ ସାଣ୍ଡୱିଚ୍ । କାରଣ ଖାଇବାକୁ ସମୟ ନାହିଁ । କମ୍ପ୍ୟୁଟର ସାମ୍ନାରେ ବସି ଖାଇବାକୁ ପଡୁଛି । ଏହାବ୍ୟତୀତ ଚକଲେଟ, ଚିପ୍ସ ଏବଂ କଫି ଇତ୍ୟାଦି ଥୁଆ ହୋଇଥାଏ ଅଫିସ ଟେବୁଲ ଉପରେ । ଯାହା ଆଦୌ ଠିକ୍ ନୁହେଁ । ଚାକରି କରିବାର ଅର୍ଥ ନୁହେଁ ଖାଇବା ପିଇବାରେ ଅବହେଳା କରିବା ।**



**ଲଞ୍ଚବ୍ରେକ ନିହାତି ଜରୁରୀ:**

ଅଫିସରେ ଯେତେ କାମ ଥିଲେ ବି କାମ ମଝିରେ କିଛି ସମୟ ଖଇବା ପାଇଁ ବ୍ରେକ ନେବା ନିହାତି ଜରୁରି । କିନ୍ତୁ କେବେ କେବେ ସମୟ ଅଭାବରୁ ଅଫିସରେ ଠିକ୍ ସମୟରେ ଖାଦ୍ୟ ଖାଇବା ସମ୍ଭବ ହୁଏନା । ସେଥିପାଇଁ ବହୁ କର୍ମଚାରୀ ପ୍ୟାକେଟ୍ ଫୁଡ଼ ଯେପରିକ ଚକଲେଟ, କେକ, ପିଜ୍ଜା, ବର୍ଗର ଚିପ୍ସ ଭଳି ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି । ଯାହା ସ୍ୱାସ୍ଥ୍ୟ ଉପରେ ଅନେକ ନକାରାତ୍ମକ ପ୍ରଭାବ ପକାଇଥାଏ । ଯାହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରା କମ୍ ହୋଇଯାଏ । ଫଳରେ ଥକାପଣ ଅନୁଭବ ହୋଇଥାଏ । ଖାଇବା ସମୟରେ ଖାଦ୍ୟକୁ ଧିରେ ଧିରେ ଚୋବାଇ ଚୋବାଇ ଖାଆନ୍ତୁ । ଏପରି ଖାଇବା ଦ୍ୱାରା ଶରୀରରେ ସିସିକେ ନାମକ ଏକ ହର୍ମୋନ ଉତ୍ପନ୍ନ ହୋଇଥାଏ । ଯାହା ମସ୍ତିଷ୍କ ପେଟ ଭରି ହୋଇଯିବାର ସୂଚନା ଦେଇଥାଏ । ଯଦି ଆପଣ ଲଞ୍ଚ ସମୟରେ ତରବରରେ ହୋଇ ଖାଦ୍ୟ ଖାଆନ୍ତି ତେବେ ଆପଣଙ୍କ ମସ୍ତିଷ୍କ ତୃପ୍ତି ଅନୁଭବ ହୋଇ ନଥାଏ । ଯାହାଦ୍ୱାରା ଯେତେ ଖାଇଲେ ବି ବାରମ୍ବାର ଭୋକ ଲାଗିଥାଏ । ଯେଉଁ କାରଣରୁ ଆପଣ ଅଫିସରେ ଅଧିକ ଖାଇଥାନ୍ତି ।

**ଆଦୌ ନୁହେଁ:**

**କ୍ୟାଲୋରୀ ଡ୍ରିଙ୍ଗ ପିଅନ୍ତୁ ନାହିଁ:**

କ୍ୟାଲୋରୀ ଡ୍ରିଙ୍ଗରେ ସୁଗାରର ମାତ୍ରା ଅଧିକ ଥାଏ । ଯାହାକୁ ପିଇବା ଦ୍ୱାରା ନାନା ପ୍ରକାର ସମସ୍ୟାମାନ ଦେଖାଦେଇଥାଏ । ତେଣୁ ଯେତେ ସମ୍ଭବ କ୍ୟାଲୋରୀ ଡ୍ରିଙ୍ଗ ପରିବର୍ତ୍ତେ ସାଧାରଣ ପାଣି ପିଅନ୍ତୁ ।

**କମ୍ପ୍ୟୁଟର ସାମ୍ନାରେ ଖାଆନ୍ତୁ ନାହିଁ:**

ଗବେଷଣା ଅନୁସାରେ କମ୍ପ୍ୟୁଟର ସ୍କ୍ରିନ ସାମ୍ନାରେ ବସି ଖାଇବା ଦ୍ୱାରା ଶରୀର ଅଧିକ ମାତ୍ରାରେ କ୍ୟାଲୋରୀ ଗ୍ରହଣ କରିଥାଏ । ଯାହାଦ୍ୱାରା ମୋଟା ହେବା ଭଳି ସମସ୍ୟାମାନ ଦେଖାଦେଇଥାଏ । ଏଥିପାଇଁ ସବୁଠୁ ଭଲ ବିକଳ୍ପ ଖାଇବା ସମୟରେ କେବଳ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ । ଅତିବେଶୀରେ ଲଞ୍ଚ କରିବା ପାଇଁ ୨୦ ମିନିଟ ସମୟ ନିଅନ୍ତୁ ।

**ସ୍ୱାସ୍ଥ୍ୟକାର ସ୍ନାକ୍ସ ନିଅନ୍ତୁ:**

- ବ୍ରେକଫାଷ୍ଟ ଏବଂ ଲଞ୍ଚ୍ ମଧ୍ୟରେ କିଛି ଶରୀର ଉପଯୋଗୀ ସ୍ନାକ୍ସ ନିଅନ୍ତୁ । ନିଜ ପାଖରେ ସବୁବେଳେ କିଛି ବାଦାମ ରଖିବା ଆବଶ୍ୟକ । ଯାହାକୁ ଆପଣ ମଝିରେ ମଝିରେ ଖାଇପାରିବେ ଏବଂ ଏହା ମଧ୍ୟ ଆପଣଙ୍କୁ ଏକ ଉତ୍ତମ ସ୍ୱାସ୍ଥ୍ୟ ଦେବ ।
- ଯେତେ ସମ୍ଭବ ଚା' ଏବଂ କଫି କମ୍ ନିଅନ୍ତୁ । କାରଣ ଅତ୍ୟଧିକ କଫି ଏବଂ ଚା' ପିଇବା ଦ୍ୱାରା ଶରୀରରେ ଷ୍ଟ୍ରେସ ହର୍ମୋନ କୋର୍ଟିସଲ ଅଧିକ ମାତ୍ରାରେ ନିର୍ଗତ ହୋଇଥାଏ । ଯାହାଦ୍ୱାରା ବାରମ୍ବାର ମିଠା ଖାଇବାକୁ ଇଚ୍ଛା ହୋଇଥାଏ । ଦିନକୁ ଥରେ କି ଦୁଇଥର କଫି ପିଇବା ପାଇଁ ଚେଷ୍ଟା କରନ୍ତୁ । ଚା' ଓ କଫି ଅପେକ୍ଷା ଗ୍ରୀନ ଟି ପିଇଲେ ବେଶୀ ଲାଭପ୍ରଦ ।

# ଅଦରକାରୀ ନୁହେଁ ପିଆଜ ଚୋପା ! କେଶ ପାଇଁ ଅଟେ ବେଶ୍ ଉପକାରୀ

ପିଆଜ ଚୋପା, ଅଧିକାଂଶ ଲୋକ ଏହାକୁ ଅଦରକାରୀ ଭାବନ୍ତି । କିନ୍ତୁ ଜାଣନ୍ତି ଏହା ଖୁବ୍ ଲାଭଦାୟକ । ଖାସ୍ କରି କେଶ ଏବଂ ବଗିଚା ପାଇଁ ଏହା ବେଶ୍ ଉପକାରୀ । ପିଆଜ ଚୋପାକୁ ଫୋପାଡ଼ିବା ପରିବର୍ତ୍ତେ, ଆପଣ କିଛି ବିଶେଷ ଉପାୟରେ ଆପଣଙ୍କ ଉଦ୍ଭିଦକୁ ସୁସ୍ଥ ଏବଂ କେଶକୁ ସୁନ୍ଦର କରିପାରିବେ । ଆସନ୍ତୁ ଜାଣିବା । ପିଆଜ ଚୋପାକୁ ଗୁଣ୍ଡ କରି ଏଥିରେ ଆଲୋଭେରା ଜେଲକୁ ମିଶାଇ ଲଗାନ୍ତୁ । ଏପରି କରିବା ଦ୍ୱାରା ଏହା କେଶ ଲମ୍ବା, ଶକ୍ତିଶାଳୀ ଏବଂ ଚକଚକ୍ କରିବ ।

ଏହାବ୍ୟତୀତ ପିଆଜ ଚୋପାକୁ ପାଣିରେ ଫୁଟାନ୍ତୁ ଏବଂ ଥଣ୍ଡା କରି ଏହାକୁ କେଶରେ ଲଗାନ୍ତୁ । ୩୦ ମିନିଟ୍ ପରେ କେଶକୁ ସଫା ପାଣିରେ ଧୋଇ ଦିଅନ୍ତୁ । ଏହା ଆପଣଙ୍କ କେଶର ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । କେଶକୁ ସୁସ୍ଥ ରଖିବା ପାଇଁ ନଡ଼ିଆ ତେଲରେ ପିଆଜ ଚୋପା ଗୁଣ୍ଡକୁ ମିଶାଇ ଲଗାଇ ପାରିବେ । ଲଗାଇବାର ୩୦ ମିନିଟ୍ ପରେ କେଶକୁ ଧୋଇ ଦିଅନ୍ତୁ । ଏହା ଅନେକ କେଶ ସମସ୍ୟାକୁ ଦୂରେଇଥାଏ । ସେହିପରି ପିଆଜ ଚୋପାରୁ ଆପଣ ସାର ଏବଂ କମ୍ପୋଷ୍ଟ ତିଆରି କରିପାରିବେ । ଏହାକୁ ମାଟିରେ ପକାଇ ଦିଅନ୍ତୁ । ଏହା ନଷ୍ଟ ହେବା ପରେ ଏଥିରେ ଥିବା କ୍ୟାଲସିୟମ ଏବଂ ପୋଟାସିୟମ ମାଟିକୁ ପୋଷଣ ଦେବାରେ ସହାୟକ ହୋଇଥାଏ । ଯେଉଁଥିପାଇଁ ଗଛଗୁଡିକ ଶୀଘ୍ର ମଧ୍ୟ ବଢିପାରିବେ ।

# ଯନ୍ତ୍ରଣାବିହୀନ ଜଣ୍ଡିସ୍ ହୋଇପାରେ ଅଗ୍ନାଶୟ କର୍କଟର କାରଣ



ପାକସ୍ଥଳୀର ତଳ ଆଡ଼କୁ ରହିଛି ପାନକ୍ରିଆଜ୍ ବା ଅଗ୍ନାଶୟ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ହଜମ ପାଇଁ ଆବଶ୍ୟକ ରସ ଓ ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଇନ୍‌ସୁଲିନ୍ କ୍ଷରଣ କରିବା । ଅଗ୍ନାଶୟ କର୍କଟ ବେଶ୍ ଘାତକ ଥିବା ବେଳେ ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି କର୍କଟ ଦେଖାଯିବାର ୧.୬% ଆଶଙ୍କା ରହିଛି । ଏହାର ଅସ୍ୱଷ୍ଟ ଲକ୍ଷଣ ସହିତ ଯନ୍ତ୍ରଣା ଦେଖିବାକୁ ମିଳି ନ ଥାଏ । ଚେନ୍ନାଇସ୍ଥିତ ଆପୋଲୋ ମେନ୍ ହସ୍ପିଟାଲର ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟୋଲୋଜିର ବିଭାଗର ମୁଖ୍ୟ ଡା.ସୁଦୀପ୍ତ କୁମାର ସ୍ୱାଇଁଙ୍କ ମତରେ ଜଣ୍ଡିସ୍, ଭୋକ ମରିଯିବା କିମ୍ବା ମାତ୍ରାଧିକ ମଧୁମେହ ଏହାର ପ୍ରମୁଖ ଲକ୍ଷଣ । ମାତ୍ର କିଛି ଡାକ୍ତର ଯନ୍ତ୍ରଣାବିହୀନ ଜଣ୍ଡିସକୁ ମେଡିକାଲ ଜଣ୍ଡିସ୍ ସହ ଭୁଲ୍‌ରେ ଡାଏଗ୍ନୋସିସ୍ କରିଥାନ୍ତି ଓ ସେହି ଅନୁଯାୟୀ ଚିକିତ୍ସା କରିଥାନ୍ତି । ଯାହାଫଳରେ ରୋଗୀଟିଏ ଶେଷ ପର୍ଯ୍ୟାୟରେ କର୍କଟ ଚିହ୍ନଟ ହୋଇଥାଏ ଓ ଚିକିତ୍ସା ସମୟ ମିଳି ନ ଥାଏ । ଧୂମ୍ରପାନ, ମଦ୍ୟପାନ, ମେହ ବହୁଳତା, ଦୀର୍ଘଦିନ ଧରି ଅଗ୍ନାଶୟ ସମସ୍ୟା କିମ୍ବା ପରିବାର କୌଣସି ସଦସ୍ୟଙ୍କ ଜେନେଟିକ୍ ପରିବର୍ତ୍ତନ ଏହାର ପ୍ରମୁଖ କାରଣ । ଯେଉଁ ବ୍ୟକ୍ତିମାନଙ୍କ ଦୀର୍ଘଦିନ ଧରି ଅଗ୍ନାଶୟ ସମସ୍ୟା ରହିଛି ସେମାନେ ବର୍ଷକୁ ଥରେ ନିଜର ଚିକିତ୍ସା କରିନେବା ଜରୁରୀ । ଅଗ୍ନାଶୟ କର୍କଟର ଡାଏଗ୍ନୋସିସ୍ ପାଇଁ ସିଟି-ପେଟ୍ ସିଟି ସ୍କାନ୍ ସହିତ ରକ୍ତରେ ଟ୍ୟୁମର ମାର୍କର ଦେଖିବାକୁ ମିଳିଥାଏ । ଅଲଟ୍ରାସାଉଣ୍ଡ ଜରିଆରେ ଏହା ଠିକ୍ ଭାବେ ଚିହ୍ନଟ ହୋଇପାରି ନ ଥାଏ । ଆଗୁଆ ଚିହ୍ନଟ ସହିତ ଜଣେ ପାନକ୍ରିଏଟିକ୍ ସର୍ଜନ୍‌ଙ୍କ ଦ୍ୱାରା ଚିକିତ୍ସା ଫଳରେ ଜଣେ ଅଗ୍ନାଶୟ କର୍କଟରୁ ସୁସ୍ଥ ହୋଇପାରିବ । ଅତ୍ୟାଧୁନିକ ଯନ୍ତ୍ରପାତି ଥିବା ସ୍ୱାସ୍ଥ୍ୟାନୁଷ୍ଠାନରେ ଏହାର ଚିକିତ୍ସା କରାଯିବା ଉଚିତ୍ । ସମସ୍ତ ରୋଗୀଙ୍କ ପାଇଁ ଏଣ୍ଡୋସ୍କୋପି କିମ୍ବା ଷ୍ଟେଣ୍ଟିଂର ଆବଶ୍ୟକତା ପଡ଼େନାହିଁ । ମାତ୍ର ଯେଉଁମାନଙ୍କ ହାର୍ଟ ରୋଗ କିମ୍ବା ଫୁସ୍‌ଫୁସ୍ ସମସ୍ୟା ଓ କମ୍ ପ୍ରୋଟିନ୍ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହାର ଆବଶ୍ୟକତା ପଡ଼ିଥାଏ । ରେଡିଏସନ୍ କିମ୍ବା ପ୍ରୋଟେନ୍ ଥେରାପି କିଛି ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥାଏ । ମାତ୍ର ବିଳମ୍ବରେ ଚିହ୍ନଟ ହୋଇଥିବା ରୋଗୀଙ୍କ ପାଇଁ ପୂର୍ବରୁ କିମ୍ବା ପରବର୍ତ୍ତୀ ସମୟରେ କେମୋଥେରାପିର ଆବଶ୍ୟକତା ପଡ଼ିଥାଏ । ସେହିପରି ଅସ୍ତ୍ରୋପଚାର ବା ସର୍ଜରି ଆବଶ୍ୟକତା ପଡୁଥିବା ରୋଗୀଙ୍କ ପାଇଁ କି-ହୋଲ୍ ସର୍ଜରି (ଲାପାରୋସ୍କୋପି କିମ୍ବା ରୋବୋଟିକ୍ସ) କରାଯାଇଥାଏ । ଆଜିର ଆଧୁନିକ ସମୟରେ ରୋବୋଟିକ୍ ସର୍ଜରି ମଧ୍ୟ ଫଳପ୍ରଦ ହୋଇଥାଏ । ଅସ୍ତ୍ରୋପଚାର ପରେ ଅଧିକାଂଶ ରୋଗୀ ସାଧାରଣ ଜୀବନ ଯାପନ କରିଥାନ୍ତି । ମାତ୍ର ଏହି ରୋଗୀମାନେ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରାଯିବାର ଆବଶ୍ୟକତା ରହିଥିବା ଡା.ସ୍ୱାଇଁ କହିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତୀୟ ନ୍ୟାୟ ସଂହିତା ବ୍ୟବସ୍ଥା...

ଭାରତୀୟ ନ୍ୟାୟ ସଂହିତାରେ ରହିଥିବା ଏକ ବ୍ୟବସ୍ଥା ଯାହା ବେପରୁଆ ଗାଡ଼ି ଚାଳନା ବା ଅବହେଳା ଯୋଗୁଁ ଗାଡ଼ି ଚକା ତଳେ କାହାର ପ୍ରାଣ ଚାଲିଯିବା ବା ହିଟ୍-ଆଣ୍ଡ୍-ରନ୍ ଦୁର୍ଘଟଣାକୁ ଏକ ଗୁରୁତର ଅପରାଧ ଭାବରେ ବିବେଚନା କରିଥିଲା, ତାହା ଦେଶର ଟ୍ରକ୍ ଚାଳକମାନଙ୍କୁ ଉତ୍ତେଜିତ କରିଥିଲା ସମ୍ପୃକ୍ତ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ। ଫଳରେ କେନ୍ଦ୍ର ସରକାରଙ୍କ ସହିତ ଟ୍ରକ୍ ଚାଳକମାନଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଟ୍ରକ୍ ଚାଳକମାନଙ୍କର ଦାବି ଶେଷରେ ସରକାରଙ୍କୁ ନଇଁବାକୁ ବାଧ କରିଛି । ତେବେ ଏହି ବିବାଦରେ ପ୍ରକୃତରେ ଗଣତନ୍ତ୍ରର ହିଁ ବିଜୟ ହୋଇଛି, କାରଣ ଭାରତର ଲୋକମାନେ ଦେଖାଇ ଦେଇଛନ୍ତି ଯେ କିପରି ବିରୋଧୀ ଦଳମାନଙ୍କ ଭୂମିକା ବିନା ବି ସ୍ୱେଚ୍ଛାକୃତ ତଥା କୌଣସି ପରିସ୍ଥିତିରେ ବି ବୁଝାମଣା କରିବାକୁ ରାଜି ନହେବାର ଏକତା ପରିଣତିକୁ ସେମାନଙ୍କ ପକ୍ଷରେ ବଦଳାଇ ଦେଇପାରେ। ନୂଆ ଆଇନକୁ ନେଇ ଟ୍ରକ୍ ଚାଳକମାନେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଏକ ଦେଶବ୍ୟାପି ହରତାଳ କଲେ। ବିଏସ୍ଏସ୍ ଭାରତୀୟ ସଡ଼କଗୁଡ଼ିକରେ ହିଟ୍-ଆଣ୍ଡ୍-ରନ୍ ମାମଲାଗୁଡ଼ିକୁ ଭାରବାହୀ ବ୍ୟବସାୟିକ ଯାନଗୁଡ଼ିକ ଦ୍ୱାରା ସଂଘଟିତ ମାମଲାଗୁଡ଼ିକୁ କମାଇବାର ଉଦ୍ଦେଶ୍ୟ ବହନ କରୁଥିଲା, ଯାହା ଏହି ଯାନଗୁଡ଼ିକର ଚାଳକମାନଙ୍କୁ ଉସୁକାଇ ଥିଲା ଏଥିପାଇଁ ବିଧାନ କରାଯିବାକୁ ଥିବା ଦଣ୍ଡଗୁଡ଼ିକର ଲାଘବ କରିବା ନିମନ୍ତେ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ଏକ ଜାତୀୟ ରିପୋର୍ଟ ଅନୁସାରେ ଭାରତରେ ଗତ ବର୍ଷ ୪.୬ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଛି, ଯାହା ତା'ର ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତର ବୃଦ୍ଧିକୁ ପରିଲକ୍ଷିତ କରିଛି । ପ୍ରତି ଘଣ୍ଟାରେ ଦେଶରେ ୫୩ଟି ଦୁର୍ଘଟଣା ହୋଇଥାଏ ଏବଂ ୧୨ ଜଣ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି । ୨୦୨୨ରେ ୪.୬୧ ଲକ୍ଷ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏହିସବୁ ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ମିଶାଇ ଆହତ ହୋଇଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବିଶ୍ୱର ସମାନ ସମାଜଗୁଡ଼ିକ ତୁଳନାରେ ଅତ୍ୟନ୍ତ ଅମାନବୀୟ ଭାବରେ ଢେର୍ ଅଧିକ। ବିଏନ୍ଏସ୍‌ରେ ହୋଇଥିବା ନୂତନ ପରିବର୍ତ୍ତନଗୁଡ଼ିକ ଅନୁସାରେ, ଯଦି ଜଣେ ଚାଳକ ବା ଡ୍ରାଇଭର ଏକ ଦୁର୍ଘଟଣା ଘଟାଇ ଅଥବା ଦୁର୍ଘଟଣାରେ ସମ୍ପୃକ୍ତ ଥାଇ ଏ ବିଷୟରେ ଥାନାରେ ନ ଜଣାଇ ଦୁର୍ଘଟଣା ସ୍ଥଳରୁ ଖସି ପଳାଇ ଯାଆନ୍ତି, ତା'ହେଲେ ତାଙ୍କୁ ୭ ଲକ୍ଷ ଟଙ୍କାର ଏକ ବଡ଼ ଅଙ୍କର ଜୋରିମାନା ସହିତ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିପାରେ । ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ପୁରାତନ ବ୍ୟବସ୍ଥାଠାରୁ ଏହା ଯଥେଷ୍ଟ ଅଧିକ ଦଣ୍ଡ ବିଧାନର ବ୍ୟବସ୍ଥା ଥିଲା, ଯେହେତୁ ପୁରାତନ ଆଇନ ଅନୁସାରେ ସର୍ବାଧିକ କାରାଦଣ୍ଡର ଅବଧି ଥିଲା ଦୁଇ ବର୍ଷ। ତେଣୁ ନୂତନ ଆଇନ ବିଷୟରେ ଜାଣିବା ପରେ ତୁରନ୍ତ ଡ୍ରାଇଭରମାନଙ୍କ ୟୁନିଅନ୍ ଓ ସେମାନଙ୍କର ନେତୃବୃନ୍ଦ ଏହି ନୂତନ ବ୍ୟବସ୍ଥା ପ୍ରତି ପ୍ରତିକ୍ରିୟାଶୀଳ ହୋଇ ଉଠିଲେ, ଯେହେତୁ ଏହା ସେମାନଙ୍କ ନିମନ୍ତେ ଥିଲା ଅଗ୍ରହଣୀୟ । ସର୍ବଭାରତୀୟ ମୋଟର ପରିବହନ କଂଗ୍ରେସ ସଂଗଠନ କମିଟିର ନେତା ବାଲ୍ ମାଲ୍‌କିତ୍ ସିଂହ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଆହ୍ୱାନ ଜାରି କଲେ : 'ହମ୍ ଏ କାନୁନ୍ ଲାଗୁ ନହିଁ ହୋନେ ଦେଙ୍ଗେ' (ଆମେ ସରକାରଙ୍କୁ ଏହି ଆଇନ ଲାଗୁ କରିବାକୁ ଦେବୁନାହିଁ) । ଅଧିକାଂଶ ଡ୍ରାଇଭର ସଂଘ ଏହି ନୂତନ ବ୍ୟବସ୍ଥାକୁ 'କଳା କାନୁନ୍' ବା ଆଇନ ଭାବରେ ଅଭିହିତ କଲେ। ୟୁନି ଅନ୍ ମାନଙ୍କ ବିରୋଧ ପରେ ଷ୍ଟ୍ରାଇକ୍ ଆରମ୍ଭ ହେଲା, ଯାହାର ଅନେକଗୁଡ଼ିଏ ରାଜ୍ୟରେ ଗୁରୁତର ପ୍ରଭାବ ପଡ଼ିଲା ଯୋଗାଣ ଶୃଙ୍ଖଳା ଉପରେ, ବିଶେଷକରି ଜାଳେଣି ଏବଂ ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକ ଉପରେ । ଲୋକସଭା ନିର୍ବାଚନ ପୂର୍ବରୁ ରାଜନୀତି ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଏହି ଷ୍ଟ୍ରାଇକ୍ ଦ୍ୱାରା ଯେଉଁ ରାଜ୍ୟଗୁଡ଼ିକ ବେଶୀ ପ୍ରଭାବିତ ହେଲେ, ସେମାନଙ୍କ ମଧ୍ୟରେ ରହିଲେ ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ। ଷ୍ଟାଇକ୍‌କୁ ସମର୍ଥନ କରିବାକୁ ଆଗେଇ ଆସିଲେ ବିରୋଧୀ ରାଜନୀତିକ ଦଳମାନେ। କଂଗ୍ରେସ 'ନୂତନ କଠୋର ପ୍ରାବଧାନଗୁଡ଼ିକ' ବିରୋଧରେ ଅଭିଯୋଗ ଉଠାଇ କହିଲା ଯେ ଏହା 'ସଂଗଠିତ ଦୁର୍ନୀତି' ଦିଗରେ ପଥ ପରିଷ୍କାର କରିବ । କୃଷି ଆଇନ ଭୋଗିଥିବା ଅବସ୍ଥାର ପୁନରାବୃତ୍ତି ଘଟିବାର ଆଶଙ୍କା କରି ସରକାର କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରି ନିଜର ତ୍ରୁଟିକୁ ସଂଶୋଧନ କରିବାକୁ ଆଗେଇ ଆସିଲେ ଏବଂ ଏଆଇଏମ୍ପିର ନେତୃବୃନ୍ଦ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରିବା ପରେ ଷ୍ଟ୍ରାଇକ୍ ପ୍ରତ୍ୟାହୃତ ହୋଇଛି, ତେବେ ଦଣ୍ଡ ବିଧାନରେ କେତେକ କୋହଳ କରାଯିବାର ପ୍ରତିଶ୍ରୁତି ହାସଲ କରିବା ପରେ। ମନ୍ତ୍ରଣାଳୟ ଡ୍ରାଇଭରମାନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛି ଯେ ସେମାନଙ୍କ ସହିତ ବିନା ବିଚାର ବିମର୍ଶରେ ଏହି ଆଇନ ବାବଦରେ ଆଗକୁ ଆଗେଇବେ ନାହିଁ । ଶେଷରେ ସାରା ଦେଶରେ ଏକ ଅର୍ଥନୀତିକ- ଅଚଳାବସ୍ଥା ସୃଷ୍ଟି ହେବା ଆଗରୁ ବିବାଦଟି ସରକାରଙ୍କ ପାଇଁ କୌଣସି ଆଇନ ପ୍ରଣୟନ କରିବା ପୂର୍ବରୁ ହିତଧାରକମାନଙ୍କ ସହିତ ଅଧିକ ସଘନ ଓ ସକ୍ରିୟ ଭାବରେ ପରାମର୍ଶ କରାଯିବାର ନିତାନ୍ତ ଆବଶ୍ୟକତା ରହିଛି ବୋଲି ଶିକ୍ଷାଟିଏ ପ୍ରଦାନ କରି ଘଟଣାରେ ତୁରନ୍ତ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ସଂସଦରେ ଯଦି ଆଇନର ଧାରାଗୁଡ଼ିକ ବାବଦରେ ପୁଙ୍ଖାନୁପୁଙ୍ଖ ଭାବରେ ତର୍କ ବିତର୍କ ହୋଇଥାନ୍ତା, ତା'ହେଲେ ଏହି ସଂକଟ ହୁଏତ କେବେ ବି ଉପୁଜି ନଥାନ୍ତା ।



# ସ୍ମରଣୀୟ ! ଶୀତ ଅଧିବେଶନ

**ସୌଭାଗ୍ୟ ରଂଜନ ମହାନ୍ତି**

ପାର୍ଲିଆମେଂଟର ଶୀତକାଳୀନ ଅଧିବେଶନ ତଥା ସପ୍ତଦଶତମ ଲୋକସଭାର ଅନ୍ତିମ ପୂର୍ଣ୍ଣାଙ୍ଗ ଅଧିବେଶନ ଯେଉଁଭଳି ଭାବେ ଶେଷ ହୋଇଛି, ତାହା ଉଭୟ ଶାସକ ଓ ବିରୋଧି ଦଳ ପାଇଁ କେବଳ ଶୁଭଙ୍କର ନୁହେଁ, ଦେଶବାସୀ ପାଇଁ ନୈରାଶ୍ୟଜନକ ହୋଇଛି ବୋଲି କୁହାଯାଇପାରିବ। ଏହି ଅଧିବେଶନର ଦେଶବାସୀଙ୍କୁ ଏକ ସକରାତ୍ମକ ସନ୍ଦେଶ ଦେବା ଆଶା କରାଯାଉଥିଲା କାରଣ ନୂତନ ସଂସଦ ଭବନରେ ଏହା ପ୍ରଥମ ପୂର୍ଣ୍ଣାଙ୍ଗ ଅଧିବେଶନ ଥିଲା। ଏହି ଅଧିବେଶନ ପରେ ସଂସଦରେ ବଜେଟ ଅଧିବେଶନ ଅନୁଷ୍ଠିତ ହେବ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ହେବ ନାହିଁ, ସେଥିରେ କେବଳ କାମଚଳା ଆଗତ ହେବ। ଆସନ୍ତା ବର୍ଷ ୨୦୨୪ର ପ୍ରଥମ ଭାଗରେ ଦେଶରେ ସାଧାରଣ ନିର୍ବାଚନ ହେଉଥିବାରୁ ଉଭୟ ଶାସକ ଓ ବିରୋଧି ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଏହା ନିସନ୍ଦେହ। କିନ୍ତୁ ଦୁର୍ଭାଗ୍ୟ ଯେ, ସ୍ୱାଧୀନତା ପରେ ଭାରତୀୟ ସଂସଦୀୟ ଗଣତାନ୍ତ୍ରୀକ ଇତିହାସରେ ସର୍ବାଧିକ ସାଂସଦ ଗୃହରୁ ନିଲମ୍ବିତ ହେବା ଏକ ନକରାତ୍ମକ ଘଟଣା ଘଟିଛି। ଗୋଟିଏ ଅଧିବେଶନରୁ ୧୪୬ ଜଣ ସାଂସଦ ଉଭୟ ସଦନରୁ ନିଲମ୍ବିତ ହେବା ଭାରତୀୟ ସଂସଦୀୟ ଗଣତାନ୍ତ୍ରୀକ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଗତ ୪ତାରିଖରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ଧାର୍ଯ୍ୟ ସମୟରେ ଦିନକ ପୂର୍ବରୁ ଶେଷ ହୋଇଥିବାବେଳେ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖାଯାଇଛି। ଅଧିବେଶନ ଡିସେମ୍ବର ୨୨ତାରିଖରେ ଶେଷ ହେବାର ଥିଲା। ଶୀତ ଅଧିବେଶନ ଅତ୍ୟନ୍ତ ସଂକ୍ଷିପ୍ତ ହୋଇଥିବା ସତ୍ତ୍ୱେ ଅତି ସ୍ମରଣୀୟ ହୋଇରହିବ। ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ପ୍ରଥମତଃ ଏହା ନୂଆ ସଂସଦ ଭବନରେ ପ୍ରଥମ ପୂର୍ଣ୍ଣାଙ୍ଗ ଅଧିବେଶନ ଥିଲା। ଅଧିବେଶନ ଚାଲିଥିବାବେଳେ ଦର୍ଶକ ଗ୍ୟାଲେରୀରୁ ଦୁଇଜଣ ଯୁବକ ଗୃହ ମଧ୍ୟକୁ ଡେଇଁ ନାରାବାଦୀ ଦେବା ସହ ହଳଦିଆ ରଙ୍ଗର ଧୂଆଁ ଛାଡିଲେ, ତାହା କେବଳ ସଂସଦର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ନୂତନ ସଂସଦ ଭବନର ନିର୍ମାଣଗତ ଢାଂଚା ପ୍ରତି ମଧ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପୁରୁଣା ସଂସଦ ଭବନର ଦର୍ଶକ ଗ୍ୟାଲେରି ଗୃହଠାରୁ ଏତେ ଉଚ୍ଚରେ ଥିଲା ଯେ, ଦର୍ଶକ ଗ୍ୟାଲେରୀରୁ ଜଣେ ଡେଇଁବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା। ନୂତନ ସଂସଦ ଭବନର ଦର୍ଶକ ଗ୍ୟାଲେରିର ଉଚ୍ଚତା ଯେ, କମ ରହିଛି, ଏହି ସଂକେତ ପ୍ରଦାନ କରୁଛି। ସେହିପରି ଦର୍ଶକ ଗ୍ୟାଲେରିରୁ ଗୃହକୁ ଡେଇଁବା ବୋଧହୁଏ ସଂସଦୀୟ ଗଣତାନ୍ତ୍ରୀକ ଇତିହାସରେ ପ୍ରଥମ ଘଟଣା ଥିଲା। ସଂସଦର ସୁରକ୍ଷା ପ୍ରସଙ୍ଗରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଠାରୁ ଉତର ଦାବିରେ ହଟ୍ଟଗୋଳ କାରରରୁ ୧୪୬ ଜଣ ସାଂସଦ ନିଲମ୍ବିତ ହେବା ମଧ ଏକ ଇତିହାସ। ନିଲମ୍ବିତ ସଦସ୍ୟମାନଙ୍କ ମଧରେ ଲୋକସଭାର ୧୦୦ଜଣ ଓ ରାଜ୍ୟସଭାର ୪୬ ଜଣ ସଦସ୍ୟ ଅଛନ୍ତି। ଗ୍ୟାଲେରୀରୁ ଦୁଇଜଣ ଯୁବ ଡେଇଁ ସଂସଦର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବା ଘଟଣାକୁ ସରକାର ଏଡାଇ ଯାଇ ବିରୋଧି ସଦସ୍ୟଙ୍କୁ ନିଲମ୍ବନ କରିବା କେତେଦୂର ଯଥାର୍ଥ ତାହା ମଧ ବିଚାର ଯୋଗ୍ୟତା ବହନ କରେ। ସେହିପରି ସ୍ୱଳ୍ପ ଦିନର ଅଧିବେଶନ କାଳରେ ସଂସଦରେ ମୋଟ ୧୯ଟି ବିଲ୍ ଅନୁମୋଦିତ ହୋଇଛି। ଏଥିମଧ୍ୟରୁ ୫ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ବିରୋଧି ଦଳର ଅନୁପସ୍ଥିତିରେ ତଥା ଯେତେବେଳେ ବିରୋଧି ଆସନ ଖାଲିପଡିଲା, ସେତେବେଳେ ଅନୁମୋଦିତ ହୋଇଥିଲା। ଏହି ବିଲ୍‌ଗୁଡିକ ମଧରେ ଭାରତୀୟ ନ୍ୟାୟା(ଦ୍ୱିତୀୟ) ସଂହିତା ବିଧେୟକ, ଭାରତୀୟ ନାଗରିକ ସୁରକ୍ଷା(ଦ୍ୱିତୀୟ) ସଂହିତା ବିଧେୟକ, ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ବିଧେୟକ ଏବଂ ମୁଖ୍ୟ ନିର୍ବାଚନ କମିଶନ ଓ ଅନ୍ୟ ନିର୍ବାଚନ କମିଶନ (ନିଯୁକ୍ତି, ଚାକିରୀ, ସର୍ତାବଳୀ ଓ କାର୍ଯ୍ୟ ଅବଧି ବିଲ୍) ଅନ୍ତର୍ଭୁକ୍ତ ରହିଛି। ଏହା ନିଶ୍ଚିତ ଯେ, ବିଲ୍‌ଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିନା ଆଲୋଚନାରେ ମୌଖିକ ଭୋଟରେ ବିଲ୍‌ଗୁଡିକ ଗୃହର ଅନୁମୋଦନ ଲାଭ କରିଛି। ଉଲ୍ଲେଖ କରାଯାଇପାରେ ଯେ, ଅତୀତରେ ଅତ୍ୟନ୍ତ ତରବରିଆ ଭାବରେ ବିନା ଆଲୋଚନାରେ ଅନୁମୋଦିତ ବହୁ ବିଲ୍‌ରେ ତ୍ରୁଟି ଯୋଗୁଁ ମାମଲା ନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକର୍ଶ କରିବା ବୋଧହୁଏ କାହାକୁ ଅଛପା ନଥିବ। ଅବଶ୍ୟ ସଂସଦରେ ହଟ୍ଟଗୋଳ କିମ୍ବା ଶାସକ ବିରୋଧି ମୁହାଁମୁହିଁ ହେବା ଭାରତୀୟ ସଂସଦ ଇତିହାସରେ ନୂଆ ଘଟଣା ନୁହେଁ। ସଂସଦ ହେଉଛି ଗଣତାନ୍ତ୍ରର ପବିତ୍ର ମନ୍ଦିର। ଏହାର ମର୍ଯ୍ୟଦା ରକ୍ଷା କରିବା ଉଭୟ ଶାସନ ଓ ବିରୋଧି ଦଳର କର୍ତବ୍ୟ। ସେହିପରି ସଂସଦର ସୁପରିଚାଳନା ଦାୟିତ୍ୱ ହେଉଛି ସରକାର ଏବଂ ଶାସକ ଦଳର କିନ୍ତୁ ଏହା ନିଶ୍ଚିତ ଯେ, ଆସନ୍ତା ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ଶାସକ ଏବଂ ବିରୋଧି ଦଳ ନିଜ ନିଜର କ୍ଷେତ୍ର ବା ପୃଷ୍ଠଭୂମି ପ୍ରସ୍ତୁତି ଏହା ଅଂଶ ବିଶେଷ ହୋଇପାରେ। ଏହା ନିସନ୍ଦେହ ଯେ, ଉଭୟ ଶାସକ ଓ ବିରୋଧି ଦଳର ଆଚରଣ ଓ ଉଚ୍ଚାରଣ ଗୃହର ମର୍ଯ୍ୟଦା ହାନୀ ଘଟିଛି। କିନ୍ତୁ ଉଭୟ ପକ୍ଷକୁ ମନେ ରଖିବାକୁ ହେବ ଯେ, ସେମାନଙ୍କ କାର୍ଯ୍ୟକଳାପ ଉପରେ କେବଳ ଭାରତୀୟ ଜନସାଧାରଣ ନୁହଁନ୍ତି, ଗଣତାନ୍ତ୍ରରେ ରୁଚି ରଖିଥିବା ବିଶ୍ୱର ଗଣତନ୍ତ୍ର ପ୍ରେମୀ ଜନସାଧାରଣଙ୍କ ନଜର ରହିଛି।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯




# ନିଜର ପରିଚୟ ଜାଣ, ଅନ୍ୟର ପରିଚୟ ପଚାର ନାହିଁ

**ସୌର ଚନ୍ଦ୍ର ମହାପାତ୍ର**

ଆଜିର ସମୟରେ ଆମେ ସବୁଠି ଗୁରୁଙ୍କ ଉପସ୍ଥିତି ଅନୁଭବ କରୁଛୁ। କିନ୍ତୁ ଆମେ ଭୁଲି ଯାଉଛେ ଯେ ଯାହା ଅଣୁଠାରୁ ମଧ କ୍ଷୁଦ୍ରତର, ବିଶ୍ୱ ଠାରୁ ମଧ ବୃହତ୍ତର, ଯାହା ସର୍ବବ୍ୟାପକ, ଏବଂ ସର୍ବଦା, ସବୁ ଅବସ୍ଥାରେ ପ୍ରକାଶିତ, ତାହାର ନାମ ଆତ୍ମା। ଆତ୍ମା ହିଁ ବ୍ରହ୍ମ, ଏବଂ ବ୍ରହ୍ମ ହିଁ ଆତ୍ମା। ଯାହାକୁ ଜାଣିଲେ ସମସ୍ତ ଜ୍ଞାନ ମିଳିଯାଏ, ଆଉ ନ ଜାଣିଲେ କୌଣସି ଜ୍ଞାନ ମିଳେନାହିଁ, ତାହାରି ନାମ ଆତ୍ମା। ଯିଏ ଏହି ପାଠ ପଢ଼ାନ୍ତି, ପାରାବିଦ୍ୟା କଣ ଅପରାବିଦ୍ୟା କଣ ତାହା ବୁଝାଇ ପରାବିଦ୍ୟା ଶିକ୍ଷା ଦିଅନ୍ତି, ସେ ହିଁ ପ୍ରକୃତ ଗୁରୁ।

ଭାରତର ମହାନ ଆର୍ଯ୍ୟ ସନାତନ ସଂସ୍କୃତି ଆମକୁ ଏହି ଶିକ୍ଷା ଦିଏ ଯେ ସଦଗୁରୁଙ୍କ ଶରଣାପନ୍ନ ହୁଅ। ଆମର ସଂସ୍କୃତି ଓ ପରମ୍ପରାର ବିଧାନ ବେଦରୁ ଗୃହୀତ। ବେଦ କୌଣସି ମନୁଷ୍ୟ ଦ୍ୱାରା ରଚିତ ନୁହେଁ। ଏହା ଈଶ୍ୱରଙ୍କ ମୁଖନିସୃତ ବାଣୀ। ପୁରାତନ ଋଷିମାନେ ବେଦର ମନ୍ତ୍ରଗୁଡ଼ିକ ଶୁଣି ଶିଷ୍ୟମାନଙ୍କୁ ଶିଖାଇ ଶିଷ୍ୟପରମ୍ପରାକ୍ରମେ ଏସବୁ ଆମକୁ ଦେଇଯାଇଛନ୍ତି। ଏହି ଦିବ୍ୟ ଉପଦେଶ ଶ୍ରୁତି ହୋଇଥିବାରୁ ଏହାରି ନାମ ଶ୍ରୁତି। ଶ୍ରୁତିର ମନ୍ତ୍ରଗୁଡ଼ିକରେ କୌଣସି ଅଦଳବଦଳ କରିବା ସମ୍ଭବ ନୁହେଁ। ପୁରାଣ ଓ ଇତିହାସ ଗ୍ରନ୍ଥ ମାନଙ୍କ ଉପରେ ଟୀକା ଲେଖାଯାଇପାରେ ମାତ୍ର ବେଦର କୌଣସି ଗୋଟିଏ ଶବ୍ଦକୁ ବି ବଦଳାଇବାର ଅଧିକାର ଏ ପୃଥିବୀରେ କାହାରି ନାହିଁ। ବେଦକୁ ଶବ୍ଦବ୍ରହ୍ମ ବୋଲି ମଧ କୁହାଯାଏ। ବେଦମନ୍ତ୍ରଗୁଡ଼ିକ ଧର୍ମର ସ୍ୱରୂପ ସମ୍ବନ୍ଧରେ ଆମକୁ ଶିକ୍ଷା ଦିଅନ୍ତି। ବେଦ ହିଁ ପ୍ରମାଣ। ସନାତନ ଧର୍ମ ବେଦରୁ ହିଁ ଜାତ। ଆମର ଗର୍ବ କରିବାର କଥା ଯେ ଆମର ଧର୍ମ ବେଦଧର୍ମ। ମାତ୍ର ଦୁଃଖର କଥା ଆଜିକାଲି କିଛି ଲୋକ ବେଦଧର୍ମରେ ବିଶ୍ୱାସ ହରାଇ ମନ୍ଦିର ଆଦିକୁ ହେୟଜ୍ଞାନ କରୁଛନ୍ତି, ତୀର୍ଥକ୍ଷେତ୍ରଗୁଡ଼ିକ ପ୍ରତି ତୁଚ୍ଛଭାବ ପ୍ରଦର୍ଶନ କରିଛନ୍ତି। ଏହିପରି ଲୋକେ ଏ ଦେଶରେ ସୁଖ ସମୃଦ୍ଧି ଲାଭ କରୁଥିବା ହିଁ ଆଶ୍ଚର୍ଯ୍ୟର କଥା। ସାଧାରଣ ଲୋକେ ବେଦକୁ ବୁଝି ପାରିବା ସମ୍ଭବ ନୁହେଁ। ଏପରିକି ବେଦ ଉଚ୍ଚାରଣ କରୁଥିବା ପଣ୍ଡିତମାନେ ମଧ ଏହାର ପୂର୍ଣ୍ଣ ଅର୍ଥ ଜାଣନ୍ତି ନାହିଁ।

କେତେକ ଲୋକ ବେଦର ନିନ୍ଦା କରିବା, ଆଉ କେତେକ ଏହାର ପ୍ରଶଂସା କରିବା ତ ସାଧାରଣ କଥା। ଆକାଶରୁ ପାଣି ଟୋପେ ପଡ଼ିଲେ, ତାହା ଭୂମି ସ୍ପର୍ଶ କରିବା ଆଗରୁ ପବନରେ ଶୁଖିଯାଏ। ସେହିପରି ବେଦର ନିନ୍ଦା ଓ ପ୍ରଶଂସା ବୁଦ୍ଧିର ପବନ ସଂସ୍ପର୍ଶରେ ଆସିଲେ ବାଟରେ ହିଁ ଶୁଖିଯାଏ। ଆମ ଭିତରୁ ଅନେକଙ୍କ ମଧରେ ଏକ ପ୍ରଶ୍ନ ଆନ୍ଦୋଳିତ ହୁଏ ଯେ ମୁଁ କିଏ? ଏହାର ଉପଯୁକ୍ତ ଉତ୍ତର ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରିଛନ୍ତି। 'ମୁଁ ପୁରଷମାନଙ୍କ ମଧରେ ଥିଲେ ପୁରୁଷ, ନାରୀ ମାନଙ୍କ ମଧରେ ଥିଲେ ନାରୀ, ପିଲାମାନଙ୍କ ମଧରେ ଥିଲେ ପିଲା। ମାତ୍ର ମୁଁ ଏକୁଟିଆ ଥିଲେ ମୁଁ ବ୍ରହ୍ମ। କେବଳ ମୁଁ ନୁହେଁ, ତୁମେ ବି ଦଶଜଣ ବୁଢ଼ାଲୋକଙ୍କୁ ଭିତରେ ଥିଲେ ବୁଢ଼ାଲୋକଙ୍କ ପରି ବ୍ୟବହାର ଦେଖାଇବ, ଦଶଜଣ ନାରୀଙ୍କ ମଧରେ ଥିଲେ ନାରୀ ସୁଲଭ ଗୁଣ ଦେଖାଇବ, ଦଶଜଣ ପିଲାଙ୍କ ଭିତରେ ଭିତରେ ଥିଲେ, ତୁମେ ଯେତେବଡ଼ କ୍ଷମତାସମ୍ପନ୍ନ ହୁଅନା କାହିଁକି, ପିଲା ପରି ଆଚରଣ ଦେଖାଇବ। ଜଣେ ଜେଜେବାପା ତାର ନାତି ସହ ଖେଳିଲାବେଳେ କିପରି ଆଚରଣ ଦେଖାଏ? ମାତ୍ର ଏକୁଟିଆ ଥିଲାବେଳେ ମଣିଷ ଅବଶ୍ୟ ଆପଣା ଦୈବସ୍ୱରୂପ ସମ୍ପର୍କରେ ସଚେତନ ଥାଏ।'

ଗୋଟିଏ ଛୋଟିଆ ଉଦାହରଣ ଏଠାରେ ଉପସ୍ଥାପନ କରୁଛି। ଦୋକାନ ବଜାରକୁ ଗଲେ ଆମ୍ଭମାନଙ୍କର ସାଧାରଣ ଅଭ୍ୟାସ ହେଲା କୌଣସି ପଦାର୍ଥ କିଣିବା ଶକ୍ତି ନଥିଲେ ମଧ ସେ ସବୁର ଦାମ ପଚାରିବା। ସେହିପରି ଭଗବାନଙ୍କୁ ବୁଝିବାକୁ ଇଚ୍ଛା ପାଉ ବା ନଥାଉ, କେବଳ ନାମ ରୂପରେ ଆକୃଷ୍ଟ ହୋଇ ଅନ୍ତର୍ନିହିତ ତତ୍ତ୍ୱକୁ ଜାଣିବା ପାଇଁ ଆଗ୍ରହୀ ନଥିବା ମୂର୍ଖ ଲୋକଙ୍କ ପରି ଏପରି ପ୍ରଶ୍ନ ପଚାରିବା ଅନୁଚିତ। ଯିଏ ନିଜର ପରିଚୟ ଜାଣେ ନାହିଁ, ସେ ଅନ୍ୟର ପରିଚୟ ଜାଣିବା ପାଇଁ ବହୁତ ଆଗ୍ରହ ପ୍ରକାଶ କରେ। ଯିଏ ନିଜର ନାମ-ଧାମ ଜାଣିବାକୁ ଚାହିଁବ, ସେ ଏପରି ପ୍ରଶ୍ନ କରିବ ନାହିଁ। ଏହି ଘଟଣାଟିକୁ ବିଚାର କଲେ, ଏବଂ ଏହାକୁ ଉଦାର ଦୃଷ୍ଟିରେ ଚାହିଁଲେ ଆମେ ଦେଖିବା ଯିଏ ଯିଏ ବି ଭଗବାନ ଶ୍ରୀସତ୍ୟସାଇଙ୍କୁ ତାଙ୍କ ପରିଚୟ ସମ୍ବନ୍ଧରେ ପଚାରିଲେ ମଧ ବାବା ଖୁବ ପ୍ରସନ୍ନ ଭାବେ ଉତ୍ତରଟେ ଦିଅନ୍ତି, ତୁମେମାନେ ନିଷ୍ଚୟ ଜାଣିଛ ମୁଁ ସତ୍ୟସାଇ ବାବା, ଆଉ ତୁମ୍ଭେମାନେ ଏହା ବି ଜାଣିଛ ତୁମେ କାହିଁକି ମୋତେ ସାକ୍ଷାତ କରିବାକୁ ଆସିଥିଲ। ତା ସତ୍ତ୍ୱେ ତୁମ୍ଭମାନଙ୍କର ଏ ପ୍ରଶ୍ନ ସୂଚନା ଦେଉଛି ଯେ, ତୁମର ମନସ୍ଥିର ନାହିଁ, ଏବଂ ତୁମେ ନିଜ ପ୍ରଶ୍ନର ଅର୍ଥ ନିଜେ ମଧ ସଠିକ ଭାବେ ଜାଣନା। ସାରା ସଂସାର ଏହିପରି। ଆମର ଶାସ୍ତ୍ର ଇତିହାସ, ପୁରାଣମାନଙ୍କରେ କଣ ଅଛି ତାହା ଜାଣିବା ପାଇଁ ଆମ୍ଭେମାନେ ଯେତେବେଳେ ଏତେ ସମୟ ଖର୍ଚ୍ଚ କରୁଛୁ, ସେଇ ଜ୍ଞାନକୁ ବ୍ୟବହାର କରି ଆମେ ନିଜର ଅନ୍ତର୍ନିହିତ ଦୈବତ୍ୱକୁ ଜାଣିବା ଉଚିତ। ଶାସ୍ତ୍ର ପୁରାଣରୁ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କଲେ ଯାଇ ତାହା ସାର୍ଥକ ହେବ। ତା ନହେଲେ ସାରା ଜୀବନ ବ୍ୟର୍ଥ ହୋଇଯିବ। ବହି ପଢ଼ି ଅନ୍ୟକୁ ପଢ଼ାଇବା, ଆଉ ନିଜେ ସେଥିରୁ ଜାଣିଚାଏ ବି ଆପଣା ଜୀବନରେ ପ୍ରୟୋଗ ନ କରିବା ଏକ ବୃଥା ବୃତ୍ତି। ଏହି ବୟସରେ ହୁଏତ ଆମ୍ଭେମାନେ ଅନେକ ପୁସ୍ତକ ପଢ଼ି ସାରିଥିବା, ଅନେକ ଭଲ କଥା ଜାଣିଥିବା, ମାତ୍ର ସେ ସବୁର ଟିକିଏ ମାତ୍ର ଚିହ୍ନ ଆମ ଆଚରଣରେ ଦେଖାଯାଉନାହିଁ। ବହୁତ ଗୁଡ଼ାଏ ବହି ପଢିବା କିଛି ଦରକାର ନାହିଁ, ଯାହା ପ୍ରକୃତରେ ଦରକାର ତାହାହେଲା ଈଶ୍ୱରଙ୍କ ଅନୁଗ୍ରହ। ଏ ବୟସରେ ମନ ଚଞ୍ଚଳ ହେବ, ମନରେ ବହୁତ ଭ୍ରାନ୍ତି ଜାତ ହେବାର ସମ୍ଭାବନା ଥାଏ ଏଣୁ ବର୍ତ୍ତମାନ ହିଁ ମନକୁ କଠୋର ଭାବରେ ଶାସନ କରି ନିଜ ଅଧୀନରେ ରଖିବା ଏକାନ୍ତ ଆବଶ୍ୟକ। ମନକୁ ସଂଯତ କରିବା ନିମନ୍ତେ ତର ତର ହେବ, କିମ୍ବା ଜୋର ଜବରଦସ୍ତ କରିବା ଠିକ ହେବନାହିଁ। ଯଦି ଖୁଣ୍ଟରେ ବନ୍ଧା ହୋଇଥିବା ଗାଇଟି ବିଲରେ ପଶି ଫସଲ ଖାଇବାକୁ ଭିଡ଼ି ଓଟାରି ହେଉଛି, ତାକୁ ଶାନ୍ତ କରିବା ପାଇଁ ଆମ୍ଭେମାନେ କ'ଣ କରୁ? ତା ଆଗରେ କିଛି କଞ୍ଚା ଘାସ, ପେଜତୋରାଣୀ ରଖି ଦେଲେ ସେ ଦଉଡି ଛିଣ୍ଡାଇବାକୁ ଆଉ ଚେଷ୍ଟା କରିବ ନାହିଁ। ମନବୋଧ କରି ଭଲ ଖାଇବାକୁ ମିଳିଗଲେ ଘରୁ ବାହାରକୁ ଯିବାର ଇଚ୍ଛା ମଧ ତାର ତୁଟିଯିବ। ସେହିପରି ମନ ସବୁବେଳେ ବର୍ହିମୁଖୀ ହୋଇ ଏଣେତେଣେ ବୁଲି ଇନ୍ଦ୍ରିୟଭୋଗ୍ୟ ବସ୍ତୁରେ ଲାଖି ରହିବାକୁ ଚାହିଁବ। ସେତେବେଳେ ମନକୁ ଅନ୍ତର୍ମୁଖୀ କରି ଇନ୍ଦ୍ରିୟ ଲାଳସା ପଛରେ ଧାଇଁବାକୁ ନଛାଡ଼ି ହରି ନାମରେ ହରିଚିନ୍ତାରେ ଲଗାଇ ରଖିଲେ ମନ ଆଉ ବାଟବଣା ହେବନାହିଁ। ମନକୁ ହରି ମହୁ ଚଖାଇ ଦେଲେ ସେ ଆପେ ମଣ ହୋଇଯିବ। ମାତ୍ର ଯଦି ତାକୁ ଜୋର କରି ଘରେ ଖୁଣ୍ଟରେ ବାନ୍ଧି ରଖିବାକୁ ଚାହିଁବ, ସଫଳ ହେବନାହିଁ। ଆଜିକାଲି କାମନା ଓ ବାସନା ପଛରେ ମନକୁ ମୁକ୍ତ ଭାବରେ ଛାଡ଼ିଦେବା ଆଧୁନିକତାର ଲକ୍ଷଣ ହୋଇଯାଇଛି। ବୁଦ୍ଧି ବି ମନକୁ ଲଗାମ ଦେବାକୁ ସମର୍ଥ ହେଉନାହିଁ। ଏପରି ଅବସ୍ଥାରେ ଦୁଇଟି ଉପାୟ ଅବଲମ୍ବନ କରାଯାଇ ପାରେ, ଏକାନ୍ତରେ କିଛି ସମୟ ରହିବ ଏବଂ ସତସଙ୍ଗରେ ସମୟ କାଟିବା। ଏଥିରୁ କୌଣସି ଗୋଟିଏ ଅଭ୍ୟାସ କଲେ ମନ ଉପରେ କ୍ରମଶଃ ଅଧିକାର ସାବ୍ୟସ୍ତ କରିବା ସମ୍ଭବ ହେବ। ମାତ୍ର ଆଧୁନିକ ଯୁଗରେ ସତସଙ୍ଗରେ ସମୟ କାଟିବାକୁ ହୀନଦୃଷ୍ଟିରେ ଦେଖାଯାଉଛି। ମାତ୍ର କେଶସଜ୍ଜା ଓ ରୂପସଜ୍ଜାରେ ବହୁ ଅର୍ଥବ୍ୟୟ କରିବାକୁ ପସନ୍ଦ କରାଯାଉଛି। ବେଶ ପୋଷାକ ଓ ରୂପସଜ୍ଜାରେ ବହୁତ ସମୟ ମଧ ନଷ୍ଟ କରାଯାଉଛି। ବାହାର ରୂପକୁ ଆକର୍ଷଣୀୟ କରିବାରେ ଏତେ ସମୟ ଦେବାରେ କୁଣ୍ଠା ନାହିଁ ଅଥଚ ଧ୍ୟାନ କିମ୍ବା ହରିଚିନ୍ତନରେ ଦିନକୁ ପାଞ୍ଚ ମିନିଟ କଟାଇବାକୁ କହିଲେ ଲୋକେ କହିବେ ସେଥିପାଇଁ ସମୟ ନାହିଁ।

ଆଉ ଗୋଟିଏ କଥା ଆମ୍ଭେମାନେ ନିତିଦିନିଆ ଜୀବନରେ ପ୍ରାୟ ଦେଖିବାକୁ ପାଉ। ଆଜିକାଲି ପ୍ରାୟ ଯୁବକଙ୍କ ପକେଟରେ ଛୋଟ ପାନିଆଟିଏ ଓ ଦର୍ପଣଟିଏ ଥିବ। ପ୍ରାୟ ଅଧିକାଂଶ ଯୁବତୀଙ୍କର କାନ୍ଧରେ ଏକ ଆକର୍ଷଣୀୟ ଭ୍ୟାନିଟି ମଧ ରହିଥାଏ। ଏସବୁ ଆୟୋଜନ କାହିଁକି? ମୁଣ୍ଡରେ କେଶ ଟିକିଏ ଏପଟ ସେପଟ ହୋଇଗଲେ ସଙ୍ଗେ ସଙ୍ଗେ ପାନିଆରେ ତାକୁ ସଜାଡ଼ିବାକୁ ହେବ, ମଝିରେ ମଝିରେ ମୁହଁର ଚେହେରା ଦେଖି ତାକୁ ସଙ୍ଗେ ସଙ୍ଗେ ସଜାଡ଼ି ଦେବାକୁ ହେବ ଏସବୁ ଶରୀରର ଅତ୍ୟଧିକ ସେବା। ମାତ୍ର ମନକୁ କୁମାର୍ଗରୁ ସଦମାର୍ଗକୁ ଆଣିବା ପାଇଁ କିଛି କରିବାକୁ ନାହିଁ। ପବିତ୍ର ମାର୍ଗରେ ଚାଲିବାକୁ ହେଲେ ପ୍ରଥମେ ଅନ୍ତଃକରଣକୁ ବାଟକୁ ଆଣିବାକୁ ହେବ। ସଦଦୃଷ୍ଟିକୁ ବିକୃତ କରୁଥିବା ବନ୍ଧନରୁ ମୁକ୍ତ ରହିବାକୁ ହେଲେ ଭକ୍ତି, ପ୍ରେମ ଓ ଜ୍ଞାନ ବଢ଼ାଇବା ଉଚିତ। ଦ୍ୱାପରଯୁଗର କଥା, ଗୋପୀମାନେ ନିରକ୍ଷର ଥିଲେ କୌଣସି ବେଦ ଶାସ୍ତ୍ର ପଢ଼ିନଥିଲେ ତଥାପି ସେମାନେ ଭଗବାନଙ୍କ ପ୍ରତି କିପରି ଗଭୀର ଭାବରେ ଆକୃଷ୍ଟ ଥିଲେ ସେକଥା ହୃଦୟଙ୍ଗମ କରିବା ଉଚିତ। ନିରନ୍ତର ହରି ଭାବନାରେ ବୁଡ଼ି ରହି ସେମାନେ ମହାବିଷ୍ଣୁଙ୍କୁ ସମଗ୍ର ଜଗତର ଚୈତନ୍ୟଶକ୍ତି ବୋଲି ବୁଝିଥିଲେ। ଏହି ଉପଲବ୍ଧି କେବଳ ଗୋପୀମାନେ ଲାଭ କରିଥିଲେ ସେମାନଙ୍କର ଗାଢ଼ ଭକ୍ତି ଯୋଗୁ। ହରିପଦରେ ପହଞ୍ଚିବାକୁ ସାହାଯ୍ୟ ନକଲେ ବେଦ ଶାସ୍ତ୍ରର ଜ୍ଞାନର କି ମୂଲ୍ୟ ଅଛି? ଜୀବନର ସମୟ ପ୍ରତ୍ୟେକଙ୍କର ସରି ଆସୁଛି। ଯଥା ସମ୍ଭବ ପରୋପକାର ଓ ମାନବ ସେବାରେ ନିଜକୁ ବ୍ରତୀ ରଖିବା।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ





## ତୁମରି ନାମରେ ସକାଳ ଆରମ୍ଭ

**ଜନ୍ମଜୟ ନାୟକ**

ତୁମରି ନାମରେ ସକାଳ ଆରମ୍ଭ
ସଞ୍ଜ ଆଳତିରେ ତୁମେ,
ଶୟନେ ସପନେ ଅବା ଜାଗରଣେ
ଭିଜେ ପରା ତୁମ ପ୍ରେମେ।

ମୋ ମନ ମନ୍ଦିରେ ହୃଦୟ କନ୍ଦରେ
ସାଇତିଛି ତୁମ ଛବି,
ତୁମ ଇଙ୍ଗିତରେ ଲଲାଟ କଷଣ
ସହୁଛି ମୁଁ ସହିଯିବି।

ଜୀବନ ଜଞ୍ଜାଳ ନାହିଁ ଥଳକୂଳ
ସାଜିଣ ତୁମେ ନାଉରୀ,
ଭବ ସାଗରରୁ ଉଦ୍ଧାର କରହେ
ପ୍ରଭୁ ନୀଳାଦ୍ରି ବିହାରୀ।

ଅପଲକ ନେତ୍ରେ ବସିଛ ଶ୍ରୀକ୍ଷେତ୍ରେ
ବୋଲାଉଛ ଦୀନବନ୍ଧୁ,
ରୋଗୀଦୁଃଖୀଙ୍କର ଯାତନା ହରିଣ
ତୁମେ କରୁଣାର ସିନ୍ଧୁ।

ମହାବାହୁ ଛାୟା ଆଶ୍ରୟର ରାହା
ବାଇଶି ପାହାଚେ ବସି,
ମୁକତି ଲଭିବି ତୁମ ନାମ ଧରି
ସକଳ ପାତକ ନାଶି।


+ଗଣିତ ଶିକ୍ଷକ
ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ
ମୋ: ୯୩୩୭୮୦୦୫୬୫


## ନିଃସଙ୍ଗତାର ନିର୍ଝରିଣୀ

**ଡଃ ରଶ୍ମିରଞ୍ଜନ ସ୍ୱାଇଁ**

ନିଃସଙ୍ଗତାର ନିର୍ଝରିଣୀ ବହୁଅଛି ଧୀରେ,
ବାସ୍ତବିକତାଠୁ ବହୁ ଦୂରେ ।

ସର୍ବଦା ପ୍ରକୃତିସ୍ଥ ମନ ଆଜି ସ୍ୱପ୍ନ ରାଇଜରେ।

ନା ଚପଳତା ନା ଅଛି ଚଂଚଳତା
ଶୁଷ୍କ ପଲ୍ଲବ ପ୍ରାୟ ମନ,ଖୋଜେ ନିର୍ଜନତା।

ହୃଦୟ ସାଜିଛି ଆଜି ଭଙ୍ଗୁର ପାଷାଣ,
ଶାନ୍ତିର ସନ୍ଧାନ ନୁହେଁ ଏହାର କାରଣ।

ମନ ନୁହେଁ ଭୟାତୁର, ଗ୍ଲାନି ଜର୍ଜରିତ
ବାଷ୍ପରୁଦ୍ଧ କଣ୍ଠ ଆଉ ହୃଦୟ ବ୍ୟଥିତ।

ପ୍ରତିଦ୍ୱନ୍ଦ୍ୱୀ ଧରା ଦେଖି ମନ ଭୟାତୁର ପରା,
ଅଦମ୍ୟ - ବୋଧଗମ୍ୟ ମନ
ବିଷର୍ଣ୍ଣରେ ଭରା।

ଶିରସ୍ତ୍ରାଣ ସ୍ଫୂର୍ତ୍ତ ମନେ ଆଜି ବାଜଇ ଦୁନ୍ଦୁଭି,
ଆକାଂକ୍ଷିତ ଅନ୍ତର୍ଭେଦି ଦୃଷ୍ଟି ସାଜିବ ପ୍ରଭାବି।

ଏଇ ନିର୍ଝରିଣୀ ଦିନେ ହେବ ସମୁଦ୍ରେ ବିଲୀନ,
ନୈସର୍ଗିକ ସଂସର୍ଗ ର ହେବ ଆଗମନ।

+ବାଲେଶ୍ୱର

## ମୋ ଛିଣ୍ଡା ଚପଲ

**ସୁରେନ୍ଦ୍ର ନାଥ ସାହୁ**

ନାହିଁ ତାହାର ହୃଦୟ କି ମନ
ତଥାପି ସହାର୍ଦ୍ଦ ସେବାର ସେ ଏକ
ମୋ ପାଇଁ ମହା ପ୍ରମାଣ।
ଦେହ ଦାନୀ
କିଣା ଦରବଟିଏ ସେ ତା'ପରି ନାହିଁ
କେଉଁ ଆଉ ସାମାନ।
ପାଦ ତଳେ ମାନେ
ସବୁଠୁଁ ନିମ୍ନ ସ୍ଥାନରେ ରହି ସେ
ମୋ ବନ୍ଧୁର ଚଲାପଥକୁ
ସୁଗମ କରିବାରେ ଦେଇ ଥାଏ
ଭାରି ବଡ଼ ଯୋଗଦାନ।
ମୁଁ ଜୁଆଡ଼େ ଯାଏ
ସିଏ ମୋ ସାଥିରେ ମୋ ପାଦକୁ
ସୁରକ୍ଷା ଦେଇ ଯାଏ
ତା ବିନା ଚାଲିବା ବି ବେଳେବେଳେ
ହୋଇଥାଏ କଠିନ।
ସିଏ ତା ନୂତନ ଅବସ୍ଥାରେ
ଯାହା କରୁଥିଲା
ଆଜି ବି କରୁଛି ପ୍ରାୟତଃ ତା'ସମାନ।
ତା କାମରେ ତିଳେ ତୃଟି ହେଉ ନାହିଁ
ହେଲେ ସେ ହୋଇ ଯାଇଛି
ଆଜି ଅତି ଜରା ଜୀର୍ଣ୍ଣ।
ଦିଶୁଛି ତା'ଦେହରେ ଏବେ
ଫାଟ ବହୁତ
ତା ଖାପ ଛଡା ଖରାପ ଅଙ୍ଗ
ସହଯୋଗ ନକଲେ
ସେ ମୋତେ କହେ ପିନ୍ଧ ବାବୁ
କରି ମୋତେ ମରାମତ ।
ମୁଁ ତା'ଦେହରେ କଣ୍ଟା ପିଟି
ଛୁଞ୍ଚି ସୂତା ବିନ୍ଧକରି
ସିଲାଇ ଠିକ କରିଦେଲେ
ପୁଣି କାମ କରେ ସେ ଯଥାବତ।
ଭଲେ ସେ ଦୁର୍ବଳ
ହୋଇ ଯାଇଛି ସତ
ହେଲେ ତାକୁ ଡରାଇ ପାରୁନି
ମୋ ଦେହର ଓଜନ
ପାଦ ଓ ରାସ୍ତାର ଆଘାତ।
ଏବେ ବି ମୋ ସୁଖ ପାଇଁ ସେ
ମୋ ଚଲା ପଥର
କଣ୍ଟା ଖୁଞ୍ଚ ଟେକା ପଥର ସହ
ସଙ୍ଘର୍ଷ କରି
କରି ପାରୁଛି ତାଙ୍କୁ ପରାସ୍ତ।
ସେ ମୋ ଅଭାବୀ ପରିସ୍ଥିତିର
ହିତକାରୀ ସଙ୍ଗାତଟିଏ
ତା ପରି ଯେ ସଂସାରରେ
ଅତି ଭାରି ଭଲ କିଏ ନାହିଁ
ତେଣୁ ତୁମେ ଥଟା କରନାହିଁ
ଗରିବକୁ ଭାଇ
କାରଣ ଯେ ନିର୍ଜୀବ ହେଲେ ବି
ତା'ପରି ଚୈତନ୍ୟତା କାହାର ନାହିଁ
କହେ ମୋ ମୋ ଛିଣ୍ଡା ଚପଲ।


+କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ-୭୬୧୧୦୫
ମୋ : ୮୧୨୮୯୧୯୨୫୬


## ପାହାନ୍ତିଆ ସ୍ୱପ୍ନ

**ନିରଞ୍ଜନ ସାହୁ**

ପାହାନ୍ତି ସପନ ଖୋଲଇ ଗୋପନ
ମନର ଭାବନା ଯେତେ
ଅଳସ ନିଦରେ ଭାବନା ଭିତରେ
ସପନରେ ଆସ ସେତେ ।

ଯେଦିନ ସପନେ ତୁମେ ଆସିଥାଅ
ଗପୁଥାଅ ହସିହସି
ସେଦିନ ସକାଳ ଉଦାସ ଲାଗଇ
ଭାବୁଥାଏ ମୁହିଁ ବସି
କାଟୁଥାଏ ମୁହିଁ ସପନ ଫସଲ
ପଶିକି ଭାବନା କ୍ଷେତେ ।

ଦିନେଦିନେ ପୁଣି ପାହାନ୍ତି ସପନେ
ତୁମେ ପ୍ରତିଶ୍ରୁତି ଦିଅ
'ଆର ଜନମରେ ସାଥି ନିଶ୍ଚେ ହେବା
ଟିକିଏ କୋଳେଇ ନିଅ
ସ୍ୱପ୍ନେ ଆଲିଙ୍ଗନ ମଧୁର ମିଳନ
ପ୍ରଗାଢ଼ ଚୁମ୍ବନ କେତେ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

# ଶିକ୍ଷା ଓ ସଂକଳ୍ପ



## ନଗେନ୍ଦ୍ର ନାଥ ପଟ୍ଟନାୟକ

ଯଶ୍‌ର ଇସ୍କୁଲରେ ସେଦିନ ଶ୍ରେଷ୍ଠ ପିଲାଙ୍କ ଭିତରୁ କିଏ ସର୍ବଶ୍ରେଷ୍ଠ ଚୟନ କରିବା ପାଇଁ ଏକ ପ୍ରତିଯୋଗିତା ଅନିଷ୍ଠିତ ହେଲା । ନବମ ଶ୍ରେଣୀର ଛାତ୍ର ଯଶ୍ । ଖୁବ୍ ମେଧାବୀ । ବୁଦ୍ଧି ତାର ଭାରି ପ୍ରଖର । ବିଜ୍ଞାନ ପାଠ ପ୍ରତି ତାର ଭାରି ଆଗ୍ରହ । ଶ୍ରେଣୀ କକ୍ଷରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଯେତେବେଳେ ଘୋଷଣା କରାଗଲା ସବାଆଗ ଯଶ୍ ତା ନାମ ଲେଖାଇଲା । ସେ ଯୋଜନା କଲା ଏମିତି ଏକ ରେଫ୍ରିଜେଟର୍ ତିଆରିବ ଯହିଁରେ ବିଜୁଳି ଶକ୍ତିର ଆବଶ୍ୟକତା ପଡିବ ନାହିଁ । ଏବେ ଆଉ ମୋଟେ ପନ୍ଦର ଦିନ ବାକି । ଘରେ ବେକାର ହୋଇ ପଡିଥିବା ଗ୍ୟାସ୍ ସିଲିଣ୍ଡର ପୁରୁଣା ରବର ପାଇପ୍ ,ଗହମ ଚାଉଳ ବସ୍ତା ଓ କୁଲରର ପୁରୁଣା ଖସ୍‌ଖସ୍‌ର ସହାୟତାରେ ସେ ଗୋଟେ ରେଫ୍ରିଜେରେଟର ତିଆରି କଲା । ତା ତଳେ ଟବ୍‌ଟିଏ ରଖିଦେଲା । ତହିଁରେ ପାଣି ଭର୍ତିକରି ପାଇପ୍ ସାହାଯ୍ୟରେ ରେଫ୍ରିଜେରେଟିକୁ ଶୀତଳ କରାଯାଇ ପାରିବ । ତହିଁ ଭିତରେ ସୁଆଦିଆ ନାନା କିସମର ଫଳ ଓ ପନିପରିବା ଅନେକ ଦିନ ପର୍ଯ୍ୟନ୍ତ ତଟକା ଓ ସତେଜ ରଖାଯାଇ ପାରିବ । ସେତିକି ନୁହେଁ, ସେ ମଧ୍ୟ ଏକ ଚାର୍ଟ ବନେଇଲା । ଯହିଁରେ ସବୁ ପ୍ରକ୍ରିୟାର ସବିଶେଷ ବିବରଣୀ ବତେଇ ଦିଆଯାଇଥିଲା । ଶ୍ରେଣୀର ସମସ୍ତ ପ୍ରତିଯୋଗୀ ଯେଝା ଯେଝାର ମଡେଲ ବିଷୟରେ ଚାର୍ଟର ସାହାଯ୍ୟ ନେଇଥିଲେ । ସେଥିରେ ମଡେଲର ବିଶଦ ବିବରଣୀ ବତେଇ ଦିଆଯାଇଥିଲା । ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକଙ୍କୁ ଗୋଟେ ଲେଖାଁ ନମ୍ବର ଦିଆଯାଇଥିଲା । ବିଚାରକ କେବଳ ସେଇ ନମ୍ବରକୁ ବିଜେତା ଘୋଷଣା କରିଥିଲେ ଯାହାର କାର୍ଯ୍ୟକୁ ସେ ସର୍ବଶ୍ରେଷ୍ଠ ବୋଲି ବିଚାରିବେ ।

ପୂର୍ବଦିନ ସମସ୍ତେ ସବୁକାମ ଶେଷ କରି ଦେଇଥିଲା ଯଶ୍ । ସକାଳୁ ଆଠଟା ବାଜିବା ମାତ୍ରେ ପ୍ରତିଯୋଗିତା ସ୍ଥଳରେ ପହଁଚିବାର ସ୍ଥିର ହୋଇଥିଲା । ସକାଳ ଛଟାରେ ଯେତେବେଳେ ଆଲାର୍ମ ବାଜି ଉଠିଲା ସେ ତାକୁ ବନ୍ଦକରି ପୁଣି ଶୋଇ ପଡିଲା । ପୁଣି ସକାଳ ସାତଟା ବାଜିବା କ୍ଷଣି ତା ନିଦ ଚାଉଁକିନା ଭାଙ୍ଗିଗଲା । ତରବରିଆ ଭାବେ ତୟାର ହୋଇ ସେ ତା ମଡେଲକୁ ହାତରେ ଟୋଳି ଧରିଲା ଆଉ ବାପାଙ୍କ ସାଥିରେ ଲଥ୍‌କିନା ବସିପଡିଲା ସୌଖୀନ୍ କାରରେ । ସେତେବେଳକୁ ତାର ମନେ ପଡିଗଲା ଚାର୍ଟ କଥା । ଆରେ ସେଇ ଚାର୍ଟଟି ତ ପାଖେ ରଖିନାହିଁ । ସେଟା ବିନା ତ ମଡେଲ୍‌କୁ ସାମିଲ ହେବାକୁ ଅନୁମତି ମିଳିବ ନାଇଁ । ସେତେବେଳକୁ ଠକ୍ ଆଠଟା ବାଜି ସାରିଲାଣି । ମାମା ମଧ୍ୟ ତା ସହିତ ଚାର୍ଟ ଖୋଜାଖୋଜି କରିବାରେ ଲାଗିପଡିଲେ । ବାପା ମାଆ ଦୁହେଁ ତାକୁ ଖୁବ୍ ଗାଳିଗୁଲଜ କରୁଥାନ୍ତି ।



ଏଇଟା ତ ଯଶ୍‌ର ଖରାପ ସ୍ୱଭାବ । ନିଜର ଜିନିଷପତ୍ର ଠିକ୍‌ସେ ସଜାଡି ଯଥାସ୍ଥାନରେ ନ ରଖିବା ତାର ଗୋଟେ ବଦ୍‌ଭ୍ୟାସ । ଇସ୍କୁଲ ଯିବା ସମୟରେ କେବେ ତାକୁ ମୋଜା ମିଳେନାହିଁ ତ ପୁଣି କେବେ ଟାଇ ବହିପତ୍ର ଖୋଜିଲେ ବି ପାଏନାଇଁ । ସେଥିପାଇଁ ସେ ଅଧିକାଂଶ ସମୟରେ ତା ସ୍କୁଲବସ୍ ଧରିପାରେ ନାହିଁ । ଗାଳି ଶୋଧା ଓ ବୁଝାଇବାର କୌଣସି ପ୍ରଭାବ ତା ଉପରେ ପଡେନାହିଁ ।

ଆଜି ପ୍ରଥମଥର ପାଇଁ ସେ ନିଜ ଭୁଲଟିପାଇଁ ଅନୁତାପ କରୁଥାଏ ଯଶ୍ । ଦିନ ନ'ଟା ବାଜି ସାରିଥିଲା ହେଲେ ଚାର୍ଟଟି ମିଳିଲା ନାହିଁ । ତାର ସକଳ ଚେଷ୍ଟା ଓ ଶ୍ରମ ବୃଥା ହେଲା । ପୁଣିଥରେ ଚାର୍ଟଟି ଖୋଜାଖୋଜି କରିବା ପାଇଁ ସମୟ ନ ଥିଲା । ସେଦିନ ବକର ବକର ହେଉଥିବା ପିଲାଟି ତୁନିପଡି ସୋଫା ଉପରେ ଲୋଟିଗଲା । ଗୁମ୍‌ମାରି କିଛି ଭାବିବାକୁ ଲାଗିଲା ।

ତହି ପରଦିନର କଥା । ସେଦିନ ସକାଳ ପ୍ରହରୁ ଇସ୍କୁଲର ଶିକ୍ଷକ ସମସ୍ତଙ୍କୁ ବଧେଇ ଓ ଶୁଭେଚ୍ଛା ଜଣେଇଲେ । ସମସ୍ତଙ୍କୁ ପଚାରିଲେ-ପିଲାଏ ତୁମେ ଏବର୍ଷ କଣ ସଂକଳ୍ପ ନେଇନାହିଁ । ଯଦି ନେଇଛ କି ପ୍ରକାର ସଂକଳ୍ପ ନେଇଛ । ଗୁରୁଜୀ ମୁଁ କହିବି କି- ଯଶ୍ ହାତଟେକି ବେଶ୍ ଆଗ୍ରହର ସହିତ କହିଲା । କୁହ କହିବାକୁ ଚାହୁଁଚ -ଗୁରୁଜୀ ତା ଉଦ୍ଦେଶ୍ୟରେ କହିଲେ । ମୋର ଆଦତ୍ ହେଉଛି ମୁଁ ନିଜ ଜିନିଷପତ୍ରକୁ ସମ୍ଭାଳି କରି ରଖେନାଇଁ । ଏଣିକି ମୁଁ ସବୁ ଚିଜ୍‌କୁ ବେଶ୍ ହୁସିଆରରେ ସମ୍ଭାଳି କରି ରଖିବି । ସେଗୁଡିକୁ ସଜଡାସଜଡି କରି ଶୃଙ୍ଖଳିତ ଭାବେ ରଖିବି । ଗଲାକାଲି ମୋର ବେପରୁଆ ସ୍ୱଭାବ ଯୋଗୁଁ ମୋ ହାତରୁ ସୁବର୍ଣ୍ଣ ସୁଯୋଗଟି ହାତଛଡା ହୋଇଗଲା । ଏଣିକି ମୁଁ ଏଭଳି ହେବାକୁ ଦେବିନାଇଁ । ସାବାସ୍ ପୁଅ,ନିଜ ଭୁଲରୁ ଶିକ୍ଷାଲାଭ କରିବା ଓ ଆଗକୁ ସତର୍କ ଓ ସାବଧାନ ରହିବା ଉଚିତ୍ । ଯାଠୁ ବଳି ଆଉ କିଛି ଭଲକଥା ନଥାଇ ପାରେ । ଏବେ ତୁମେ କେବଳ ମୋପାଇଁ ନୁହେଁ ବରଂ ଶ୍ରେଣୀର ସବୁ ପିଲାଙ୍କ ପାଇଁ ବିଜେତା ହୋଇସାରିଛ । ଏଇଆ କହି ଗରୁଜୀ ମୁର୍କିମୁର୍କି ହସିଦେଲେ । ପିଲାମାନେ ସମସ୍ତେ ତାଳିମାରିଲେ ।


+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ୍ ,
ଭୁବନେଶ୍ୱର-୬
ମୋ-୯୪୩୮୩୩୨୧୩୮


# ଉପଯୁକ୍ତ ଦାନ



## ନଳିନୀ କାନ୍ତ ପାଢ଼ୀ

ରଘୁପୁର ଗୋଟିଏ ଛୋଟ ଗାଁ । ସେହି ଗାଁରେ କର୍ଣ୍ଣ ନାମକ ଜଣେ ଲୋକ ବାସ କରୁଥିଲେ । ସେ ଅତି ଦାନୀ ଥିଲେ । ସେ ଯାହାକୁ ଭେଟୁଥିଲେ, ତାଙ୍କ ଘରକୁ ଡାକୁଥିଲେ । ପଶୁପକ୍ଷୀଙ୍କୁ ଦେଖିଲେ ସେ ଅଧୀର ହୋଇ ଯାଉଥିଲେ । ସେ ସମସ୍ତଙ୍କୁ ଖାଇବାକୁ ଦେଉଥିଲେ । ସେମାନଙ୍କ ସେବା ଯତ୍ନ କରି ଅପାର ଆନନ୍ଦ ଲଭୁଥିଲେ । ଦିନେ ଜଣେ ସନ୍ନ୍ୟାସୀ ତାଙ୍କ ଘରକୁ ଆସିଲେ । ତାଙ୍କୁ ଦେଖି କର୍ଣ୍ଣ ଖୁସି ହୋଇଗଲେ । ତାଙ୍କର ସମସ୍ତ ସେବା କଲେ । ଖାଇସାରି ସନ୍ନ୍ୟାସୀ ଦେଖିଲେ ଦଳଦଳ ପକ୍ଷୀଙ୍କୁ କର୍ଣ୍ଣ ରୁଟି, ଚାଉଳ ଓ ବିଭିନ୍ନ ଖାଦ୍ୟ ଶସ୍ୟ ଖାଇବାକୁ ଦେଉଛନ୍ତି । ସେ କେତେକ ଲୋକଙ୍କୁ ମଧ ଖାଇବାକୁ ଦେଉଛନ୍ତି । ସନ୍ନ୍ୟାସୀଙ୍କୁ ଏ ସବୁ ଭଲ ଲାଗୁନଥାଏ । ଘରଟିରେ ସଦା ବେଳେ ଗହଳ ଚହଳ ଲାଗିରହିଥାଏ ।

ମଧ୍ୟାନ୍ନ ଭୋଜନ ବେଳେ କର୍ଣ୍ଣ ଓ ସନ୍ନ୍ୟାସୀ ଏକ ସାଙ୍ଗେ ଖାଇ ବସିଲେ । ଖାଉଖାଉ କର୍ଣ୍ଣଙ୍କୁ ସନ୍ନ୍ୟାସୀ ପଚାରିଲେ -ଏତେ ପଶୁ, ପକ୍ଷୀ ଓ ଲୋକମାନଙ୍କୁ ପ୍ରତିଦିନ ଆପଣ ଖାଇବାକୁ ଦେଉଛନ୍ତି କାହିଁକି ? ଏମାନେ ତ ବେଶ ସୁସ୍ଥ ଓ ସବଳ ଅଟନ୍ତି । କର୍ଣ୍ଣ ଉତ୍ତର ଦେଲେ, ଜୀବ ମାନଙ୍କୁ ଦୟା କରିବା ମୋର କର୍ତ୍ତବ୍ୟ । ଏହା କରି ମୁଁ ଆନନ୍ଦ ପାଏ । ସନ୍ନ୍ୟାସୀ ତାଙ୍କ ପାଟିରୁ କଥା ଛଡାଇ କହିଲେ, ତାହା ତ ସତ କଥା । ହେଲେ ତୁମେ ତୁମ ଉପାର୍ଜନ କଥା ଚିନ୍ତା କରୁନାହଁ କାହିଁକି ? ଏମାନଙ୍କୁ ଦାନ ଦେଉଦେଉ ତୁମର ସମସ୍ତ ସମ୍ପତ୍ତି ଅଚିରେ ଶେଷ ହୋଇଯିବ । ଏଇ ସୁସ୍ଥ ସବଳ ଲୋକଙ୍କୁ ଖାଇବାକୁ ଦେଉଥିବାରୁ ଏମାନେ ଆଉ କାମ କରୁନାହାନ୍ତି । କର୍ମ କୁଣ୍ଠ ପାଲଟି ଯାଉଛନ୍ତି । ପରାଙ୍ଗ ଭୋଜି ପ୍ରାଣୀଭଳି ଏମାନେ ସବୁବେଳେ ପର ଉପରେ ନିର୍ଭର କରି ଚଳିବେ । କାମଦାମ ନକରି ସେମାନେ ନିଜର, ପରର ଓ ସମାଜର ବହୁତ କ୍ଷତି କରୁଛନ୍ତି । ତା ଛଡା ଉପଯୁକ୍ତ ପାତ୍ରରେ ଦାନ କଲେ ସିନା ଈଶ୍ୱର ସନ୍ତୁଷ୍ଟ ହେବେ ।

କର୍ଣ୍ଣ ସନ୍ନ୍ୟାସୀଙ୍କ କଥାର ଅର୍ଥ ଓ ତତ୍ତ୍ୱ ବୁଝି ପାରିଲେ । ସେହିଦିନ ଠାରୁ ସେ ଯାହାର ଆଖି ନାହିଁ, ଶୁଣିପାରୁ ନାହିଁ, ଚାଲିପାରୁ ନାହିଁ ଭିନ୍ନକ୍ଷମ ମାନଙ୍କର ସେବାରେ ମନ ନିବେଶ କଲେ । ଆବଶ୍ୟକ ସ୍ଥଳେ ଦାନ କର୍ମ କଲେ । ପ୍ରକୃତରେ ଏହାଦେଖି କେତେକ ସ୍ୱେଚ୍ଛାସେବୀ ତାଙ୍କ ସହ ଯୋଗଦେଲେ । ସେବା କାର୍ଯ୍ୟ ଜୋରସୋରରେ ଚାଲିଲା । ବିଭିନ୍ନ ଅନୁଷ୍ଠାନ କର୍ଣ୍ଣଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କଲେ । ସେ ବୁଝିଲେ ଉପଯୁକ୍ତ ଦାନ ହିଁ ପ୍ରକୃତରେ ମହାନ ।


+ ଗୋସାଣିବିନ୍ଧା, ଜଗାଇ, ପ୍ରତାପପୁର,
ବାଲେଶ୍ୱର, ୭୬୫୦୮୩
ମୋ: ୯୭୭୭୫୧୪୫୭୬


# ବାଘ ଆଖିର ଚଷମା

## ରମେଶ ଚନ୍ଦ୍ର ଦାଶ



ଦିନେ ବାଘଟିଏ ଜଙ୍ଗଲରେ ବୁଲୁଥାଏ । ଗୋଟିଏ ଜାଗାରେ ଦେଖିଲା ଚଷମାଟିଏ ପଡ଼ିଛି । ସେ ତାକୁ ଏପଟସେପଟ କରି ଦେଖିଲା । ତାକୁ ମୁହଁରେ, ନାକରେ, ହାତରେ ଚାରିଆଡ଼େ ଲଗାଇଲା । କେଉଁଆଡ଼େ ଲାଗିଲା ନାହିଁ । ଆଖିରେ ଲଗାଇବାରୁ ଲାଗିଗଲା ସିନା ଚାରିଆଡ଼ ସବୁ ବଡ଼ ବଡ଼ ଦିଶିଲା । ତଳକୁ ଚାହିଁଲା ପିମ୍ପୁଡ଼ିଗୁଡ଼ାକ ବହୁତ ବଡ଼ ବଡ଼ ଦେଖାଗଲେ । ସେ ଭୟ ପାଇ ଦୌଡ଼ିବାକୁ ଲାଗିଲା । ତାର ଦୌଡ଼ ଦେଖି ଅନ୍ୟ ପ୍ରାଣୀମାନେ ଡରିଗଲେ ସିନା ତାକୁ କିଛି କହିପାରିଲେ ନାହିଁ । ବିଲୁଆର ସାହସ ଅଧିକ । ସେ ଜୋର୍‌ରେ ବାଘକୁ ଡାକପକାଇ ପଚାରିଲା, "ବାଘମାମୁ ତୁମର କ'ଣ ହୋଇଛି ? ଏମିତି ଦୌଡ଼ୁଛ କାହିଁକି ?" ବିଲୁଆର ଚିତ୍କାର ଶୁଣି ବାଘ ତା'ଆଡ଼କୁ ମୁହଁ ଟେକି ଚାହିଁଲା ବେଳକୁ ତା' ଆଖିରୁ ଚଷମାଟି ଗଳିପଡ଼ିଲା । ସେ ପୂର୍ବରୁ ବିଲୁଆକୁ ଯେତେ ବଡ଼ ବୋଲି ଦେଖୁଥିଲା ହଠାତ୍ ଛୋଟ ଦେଖାଦେଲା । ସେ ଜାଣିଗଲା ଯେ ଏହି ଚଷମା ପାଇଁ ଏତେ ବଡ଼ ବଡ଼ ଦେଖାଯାଉଥିଲା । ସେ ଚଷମାଟିକୁ ଲଗାଇ ପୁଣି ଆଗକୁ ଚାହିଁବାରୁ ବହୁ ଦୂରରେ ଥିବା ଜିନିଷକୁ ଭଲଭାବରେ ଦେଖିପାରିଲା । ତେଣୁ ତାର ଶିକାର କରିବାରେ ବହୁତ ସୁବିଧା ହେଲା । ତାକୁ ଭୋକ କଲେ ସେଇଟିକୁ ଲଗାଇ ଦୂରକୁ ଚାହେଁ । ଯେଉଁଠି ଶିକାର ଦେଖେ ସେଠାକୁ ଶୀଘ୍ର ଦୌଡ଼ି ମାଡ଼ିବସେ ।

ବାଘ ଏପରି ଶିକାର କରିବାରୁ ପ୍ରାଣୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ସେମାନେ ଏହାର ପ୍ରତିକାର କରିବା ପାଇଁ ବିଲୁଆକୁ କହିଲେ । ବିଲୁଆ ଜାଣିଲା ଯେ ଚଷମା ପାଇଁ ବାଘ ଏପରି ହଇରାଣ କରୁଛି । ତା'ଠାରୁ ସେଇଟିକୁ ଆଣିବା ସମ୍ଭବ ନୁହେଁ । ବହୁତ ଭାବିଲା । କିଛିଦିନ ଯିବାପରେ ଦିନେ ହଠାତ୍ ସେହିପରି ଗୋଟିଏ ଚଷମା ପିନ୍ଧି ବୁଢ଼ାଲୋକଟିଏ ଯାଉଥିବାର ବିଲୁଆ ଦେଖିଲା । ବିଲୁଆର ଖୁସି କହିଲେ ନସରେ । ସେ ଭାବିଲା-ବୁଢ଼ାଲୋକଟି କେଉଁଠି ବିଶ୍ରାମ ନେଲେ ସେ ତା'ଠାରୁ ସେଇଟିକୁ ଚୋରାଇନେବ । ପୁଣି ମନେ ମନେ ଭାବିଲା-ବୁଢ଼ାଲୋକଟିର ଚଷମା ନେଇଗଲେ ସେ କିଛି ଦେଖିପାରିବ ନାହିଁ । ହଇରାଣ ହେବ । ତେଣୁ ନିରାଶ ହୋଇ ଫେରିବାକୁ ଲାଗିଲା । ବୁଢ଼ାଲୋକଟି କିନ୍ତୁ ବିଲୁଆ ତା' ପଛେ ପଛେ ଆସିବା ଜାଣିପାରିଥିଲା । ବିଲୁଆ ଫେରିବା ଦେଖି ସେ ତାକୁ ପଚାରିଲା, "ହଇରେ ବିଲୁଆ, ତୁ ମୋ ପଛେ ପଛେ କାହିଁକି ଆସୁଥିଲୁ ? ଏବେ ଫେରିଛୁ କାହିଁକି ?" ବୁଢ଼ାଲୋକଟିର ଏପରି କଥାରେ ବିଲୁଆ ଖୁସି ହୋଇ ସବୁ ସତକଥା କହିଲା । ବାଘ ଚଷମା ପିନ୍ଧି କିପରି ଜୀବଜନ୍ତୁଙ୍କୁ ମାରି ଖାଉଛି ତାହା ବି କହିଲା । ଏହା ଶୁଣି ବୁଢ଼ାଲୋକଟି କହିଲା, "ତୋର ଯଦି ଏତେ କାମରେ ଆସିବ ତେବେ ମୋତେ ଆଗରୁ କହିଲୁନି କାହିଁକି ? ଏବେ ମୋ ଚଷମା ନେଇ ଯାଆ ।" ଏହାପରେ ପୁଣି ବୁଢ଼ାଲୋକଟି ବିଲୁଆକୁ ପଚାରିଲା, "ଆଚ୍ଛା କହିଲୁ, ଏ ଚଷମାଟି ତୋର କିପରି କାମରେ ଲାଗିବ ?" ବିଲୁଆ ଉତ୍ତର ଦେଲା, "ଏଇଟିକୁ ମୁଁ ପିନ୍ଧି ବାଘ ପଛେ ପଛେ ରହିବି । ବାଘ ଯେଉଁଆଡ଼େ ଯିବ ସେଠାର ପ୍ରାଣୀଙ୍କୁ ସତର୍କ କରାଇଦେବି ।" ବୁଢ଼ାଲୋକଟି କହିଲା, "ତେବେ ଏଇଟିକୁ ନେ । ତୋର ତ ବହୁତ ବୁଦ୍ଧି ।" ତାହା ଶୁଣି ବିଲୁଆ କହିଲା, "ନାଁ, ମୁଁ ତୁମ ଚଷମା ନେବିନି । ତୁମେ ତ ବୁଢ଼ାଲୋକ । କେମିତି ଦେଖିବ ? ଆମ୍ଭମାନଙ୍କ ପାଇଁ ତୁମେ ହଇରାଣ ହେବ ।" ବୁଢ଼ାଲୋକଟି କହିଲା, "ମୁଁ ତ ବୁଢ଼ାହେଲିଣି । କେତେ ଦିନ ବା ବଞ୍ଚିବି ? ଏହାଦ୍ୱାରା ଯଦି ବହୁତ ପ୍ରାଣୀଙ୍କର ହିତ ହେବ ମୋର ସେଥିରେ ବହୁତ ଖୁସି ।" ଏହା କହିବା ସହିତ ଚଷମାଟି କାଢ଼ି ବିଲୁଆକୁ ଦେଲା । ବିଲୁଆକୁ ସେଇଟିକୁ ଧରିବା ପରେ ପୁଣି କହିଲା, "ମୁଁ ତୋ ପାଇଁ ଆହୁରି ଚଷମା ଯୋଗାଡ଼ କରିଦେବି । ତୁ ଚାରିଦିନ ପରେ ଆସ ।" ବିଲୁଆ ତାକୁ ପିନ୍ଧି ବାଘ ପଛେ ପଛେ ଲୁଚିରହିଲା । ବାଘ ଚଷମା ପିନ୍ଧି ଦୂରରେ ଥିବା ପ୍ରାଣୀ ଶିକାର କରିବାକୁ ଯିବା ବେଳେ ବିଲୁଆ ଆଗୁଆ ଜଣାଇଦେଲା । ସତକୁ ସତ ଚାରିଦିନ ପରେ ବୁଢ଼ା ତାର ସବୁ ଜମି ବିକି ସେଥିରେ ଚଷମା କିଣିଲା । ସେତକ ନେଇ ଜଙ୍ଗଲ ଭିତରକୁ ଗଲା । ବାଘ ଦୂରରୁ ଦେଖି ତାକୁ ଖାଇବାକୁ ଆସିବା ବେଳେ ବିଲୁଆ ଜଣାଇଦେବାରୁ ସେ ଲୁଚିଗଲା । ପ୍ରକୃତରେ ବାଘ ହଇରାଣ କରୁଥିବା କଥା ବୁଢ଼ା ଜାଣିଲା । ଚଷମାତକ ବିଲୁଆକୁ ଦେବାରୁ ବିଲୁଆ ସମସ୍ତଙ୍କୁ ଚଷମା ବାଣ୍ଟିଲା । ସମସ୍ତେ ଚଷମା ପିନ୍ଧିବାରୁ ବାଘ କାହାରି କିଛି କ୍ଷତି କରିପାରିଲା ନାହିଁ ।

ବାଘ ଯେତେବେଳେ ଜାଣିଲା ଯେ ବୁଢ଼ାଟି ପାଇଁ ତାକୁ ଶିକାର କରିବାରେ ଅସୁବିଧା ହେଉଛି । ସେ ତାକୁ ହଇରାଣ କରିବାକୁ ଜଗିବସିଲା । ବିଲୁଆ ସହିତ ସବୁ ପ୍ରାଣୀ ଏହା ଜାଣିବା ପରେ ସମସ୍ତେ ଏକାଠି ହୋଇ ବୁଢ଼ାକୁ ରକ୍ଷାକଲେ ।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨


# କବିତା
## ତୁମ ପାଇଁ

### ନୂଆ ବରଷର ନୂଆ ପରଶ.....
### ରାମଚନ୍ଦ୍ର ବେହେରା

ନୂଆ ବରଷର ନୂଆ ପରଶ
ପରାଣେ ଭରିଛି ଖୁସି ଅଶେଷ
ମନଲୋଭା ଲାଗେ ପ୍ରକୃତି ବେଶ
ନୂଆ ସଂକଳ୍ପରେ ହସୁଛି ଦେଶ
ବହୁଛି ଶୀତଳ ବାଆ
ନଦୀ ତୋଟାମାଳ ବଣ ଓ ପାହାଡ
ଲାଗୁଅଛି ନୂଆ ନୂଆ ।
ନୂଆ ବରଷରେ ଆସରେ ମିତ
ମିଳିମିଶି ଆମେ ଗାଇବା ଗୀତ
ମନରେ ଆଦରି ଏକତା ମନ୍ତ୍ର
ଅଳସ ପଣକୁ କରିବା ଅନ୍ତ
କରିବା ଦୁଃଖୀଂକ ସେବା
ପରିବେଶ ଆମ ନିର୍ମଳ ରଖିବା
ଗଛ ମୂଳେ ପାଣି ଦେବା ।
ରାଗ ହିଂସା ଈର୍ଷା କୂଟ ସ୍ୱଭାବ
ନୂଆ ବରଷରେ କରିବା ତ୍ୟାଗ
ସ୍ନେହ ମମତାରେ ବାନ୍ଧିବା ଭାବ
ଗୁରୁଂକ ଆଦେଶ ପାଳିବା ଆଗ
ମଧୁର ବଚନ କହି
ଶାନ୍ତିର ବାରତା ପରଶିବା ଆମେ
ହସିବ ପବିତ୍ର ମହୀ ।
ସମୟକୁ ଦେଖି ପାଠ ପଢିବା
ସଂଜ ଓ ସକାଳେ ଖେଳ ଖେଳିବା
ପିତା ମାତାଂକର କଥା ମାନିବା
ଆଜିର କାମକୁ ଆଜି କରିବା
କହିବା ସତ୍ୟ ସର୍ବଦା
ନୀତି ନିୟମକୁ ମାନିବା ପରାଣେ
ଆସୁ ଯେତେ ଅସୁବିଧା ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




### କୁମ୍ଭୀର ଓ ମାଙ୍କଡ
### ଶରତ କୁମାର ଦାସ

କୁମ୍ଭୀର କହିଲା ମାଙ୍କଡ ଭାଇ
ଏମିତି କାହିଁକି ରହିଛୁ ଚାହିଁ
ପଛ କଥା ଭୁଲି ଯା'
ଯାହାତ ହେବାରେ ହୋଇତ ଗଲା
ମିତ ହେବା ଚାଲି ଆ' ।

ଆଇଁଷ ତ ଆଉ ଖାଉନି ଏବେ
କଲିଜା ପାଇଁ ମୁଁ ଭାବୁନି କେବେ
ଗଲାଣି ପରା ସେ କଥା,
ପୁରୁଣା କଥା ମୋ ପଡିଲେ ମନେ
ଘୂରିଯାଏ ଲାଜେ ମଥା ।

ଜାମୁକୋଳି ପାଇଁ ଲୋଭ ମୋ ନାହିଁ
ନଦୀରେ ଆଉ ସେ ଜଳ ବା କାହିଁ
(ଆ') ପିଠିରେ ବସାଇ ନେବି,
ଦେଖାଇ ଦେବି ମୋ ଘର ଦୁଆର
ଖାଇବାକୁ ଲଡୁ ଦେବି ।

ମାଙ୍କଡ କହିଲା ଚାଲାକି ଥାଉ
ମିତ ବସିବା ତୋ ଚୁଲିକୁ ଯାଉ
ମନେଅଛି ସବୁ ମୋର,
କେମିତି ଭୁଲିବି କହରେ ତୁହି
ଖଳ ବୁଦ୍ଧି ଯେତେ ତୋର ।

ଦିନ ଭଲ ବୋଲି ଆସିଲି ଖସି
ସେହିଦିନୁ ଏକା ଭାବୁଛି ବସି
ସତରେ ତୁ ବଡ ଠକ,
ମୋ ଆଖି ଆଗରୁ ଚାଲିଯା' ଏବେ
କର ନାହିଁ ବକବକ ।

କଳା କରମକୁ କରି ସେ ନିନ୍ଦା
କୁମ୍ଭୀର ସେଠାରୁ ହୋଇଲା ବିଦା
କାନ ନାକ ମୋଡି ହେଲା,
ଠକିବନି ବୋଲି କାହାକୁ କେବେ
କହି ସେ ଶପଥ ନେଲା ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ବଣରେ ହେଉଛି ନୂଆ ବରଷ
### ଅଶୋକ କୁମାର ପ୍ରଧାନ



ନୂଆ ବରଷ ପାଳିବେ ବୋଲି
ବଣେ ପଶୁ ଏ ମେଳି
କିଏ କେମିତି କରିବେ କାମ
ଲେଖି ରଖୁଛି ଛେଳି ।

ନେଉଳ ଭାଇ ସବୁ ପଶୁଙ୍କୁ
ଡାକିବେ ଚିଠା ଧରି ।
ଭାଲୁ ଭାଇନା ସେବା କରିବେ
ଓଷଦ ପୁଡା ଧରି ।

ହନୁ ମାଙ୍କଡ ଗଛରେ ଝୁଲି
ଖେଳିବ ଦୋଳି ହସି
ବିଲୁଆ ନନା ବାଜା ମାରିବ
ପଥର କାନ୍ଥରେ ବସି ।

ଗଧ ଭାଇନା ସଉଦା ପାଇଁ
ବଜାର ଯିବ ଆଣି
ହାତୀ ଅଜାଟା ସବୁରି ପାଇଁ
ଯୋଗାଇ ଦେବେ ପାଣି ।

ଛିଙ୍କ ମଉସା ତବଲା ଧରି
ପିଟିବେ ବସି ବାଜା
ଠେକୁଆ ଭାଇ ସଭିଙ୍କୁ ଦେବେ
କୋକାକୋଲା ଓ ମାଜା ।

ବଣ ବିଲେଇ ଡେଇଁ ଡେଇକା
ନାଚିବ ହସି ହସି
ଗୋଧି ଭାଇନା ଭୂତଳ ଜୀବ
ଡାକିବ ଗାତେ ପଶି ।

ହରିଣ ଭାଇ ମନ ଖୁସିରେ
ମାରିବ ଡିଆଁ ଖାଲି
ବାଘ ମାମୁଟି ଦେଖେଇ ଦେବେ
ତାଙ୍କର ରଜା ଚାଲି ।

ସିଂହ ଭାଇନା ଗଦିରେ ବସି
ଆଦେଶ ଦେଉ ବୋଲି
ପାତି ମାଙ୍କଡ ଲାଞ୍ଜ ହଲେଇ
କହିଲା ମନ ଖୋଲି ।

ଯିଏ ଯା କାମ କରିବେ ଭଲେ
ନୂଆ ବରଷେ ମିଶି
ବଣ ସୁରକ୍ଷା କରିବେ ସବୁ
ହେଉ ଦିବସ ନିଶି ।

ଗଛ ଲତା ଓ ନଈ ଝରଣା
ସଭିଙ୍କୁ କରି ମିତ
ମନ ଲଗାଇ କରିବେ କାମ
ମନାସି ସଦା ହିତ ।

ନୂଆ ବରଷେ ମନ ହରଷେ
ସଭିଏଁ କାମ କରି
ସବୁରି ମୁହେଁ ସୁଖ ଶରଧା
ଖୁସିରେ ଦେବେ ଧରି ।


+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ଜାତୀୟ ଯୁଥ ଚାମ୍ପିଅନଶିପରେ ମୟୁରଭଞ୍ଜ ଝିଅ ସ୍ନେହା ସରେନଙ୍କ ସ୍ୱର୍ଣ୍ଣପଦକ ହାସଲ



ବେତନଟୀ, ୦୫/୧ (ନି.ପ୍ର): ଅରୁଣାଚଳପ୍ରଦେଶର ଇଟାନଗର ଠାରେ ଆୟୋଜିତ ଜାତୀୟସ୍ତରୀୟ ସିନିୟର, ଜୁନିୟର ଏବଂ ଯୁଥ ଚାମ୍ପିଅନଶିପ୍ ?ରେ ଅଂଶଗ୍ରହଣ ପୂର୍ବକ ଭାରତ୍ତୋଳନକରି ଓଡିଶାଝିଅ ସ୍ନେହା ସୋରେନ ଇଣ୍ଟରଷ୍ଟେଟ୍‌ରେ ସ୍ୱର୍ଣ୍ଣପଦକ ଏବଂ ଓପନ ଚାମ୍ପିଅନଶିପ୍‌ରେ ରୌପ୍ୟପଦକ ହାସଲ କରିଥିବା ବେଳେ ମୀନା ସିଂ କଂସ୍ୟପଦକ ହାସଲ ପୂର୍ବକ ସମଗ୍ର ରାଜ୍ୟ ତଥା ମୟୂରଭଞ୍ଜ ଜିଲ୍ଲା ସମେତ ଶକ୍ତିମାନ ଜିମ୍ନାସିୟମ ପାଇଁ ସଫଳତାର ଆଉଏକ ଫର୍ଦ ଯୋଡି ଦେଇଛନ୍ତି । ଇଟାନଗର ଠାରେ ୨୦୨୩ ମସିହା ଡିସେମ୍ବର ୨୮ତାରିଖରୁ ଜାନୁଆରୀ ୭ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟସ୍ତରୀୟ ଭାରତ୍ତୋଳନ ଚାମ୍ପିଅନଶିପ୍ ୨୦୨୪ରେ ଓଡିଶାରୁ ବିଭିନ୍ନ ପ୍ରତିଯୋଗୀଙ୍କ ସହିତ ବେତନଟୀଥାନା ଅଧୀନ ଲଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର ପ୍ରଶିକ୍ଷାର୍ଥନୀ ତଥା ଆନ୍ତର୍ଜାତୀୟ ଖେଳାଳି ସ୍ନେହା ସୋରେନଙ୍କ ସମେତ ମୀନା ସିଂ ମଧ୍ୟ ଅଂଶଗ୍ରହଣ କରିଥିଲେ। ସିନିୟରବର୍ଗର ଇଣ୍ଟରଷ୍ଟେଟ ପ୍ରତିଯୋଗିତାରେ ସ୍ନେହା ସୋରେନ ୫୫କିଲୋଗ୍ରାମ ବର୍ଗରେ ୮୨କିଲୋ ସ୍ନାଚ୍ ଏବଂ ୧୦୭ କିଲୋ କାର୍କ ଏହିପରି ମୋଟ ୧୮୯ କିଲୋଗ୍ରାମର ଭାରତ୍ତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିପରି ଓପନ ଚାମ୍ପିଅନଶିପରେ ସ୍ନେହା ଭାରତ୍ତୋଳନ କରି ରୌପ୍ୟପଦକ ହାସଲ କରିଛନ୍ତି । ଅନୁରୂପ ଭାବରେ ମୀନା ସିଂ ଯୁଥ୍ ବିଭାଗର ୪୯ କିଲୋଗ୍ରାମ ବର୍ଗରେ ୬୪ କିଲୋ ସ୍ନାଚ୍ ଏବଂ ୮୫ କିଲୋ କାର୍କ ଏହିପରି ୧୪୯ କିଲୋଗ୍ରାମର ଭାରତ୍ତୋଳନକରି କଂସ୍ୟପଦକ ହାସଲ କରିଛନ୍ତି । ତେବେ ଜାତୀୟସ୍ତରୀୟ ଚାମ୍ପିଅନଶିପରେ ସ୍ନେହା ସୋରେନଙ୍କ ସଫଳତା ସମଗ୍ର ଓଡିଶା ଏବଂ ମୟୂରଭଞ୍ଜ ସମେତ ଶକ୍ତିମାନ ଜିମ୍ନାସିୟମ ପାଇଁ ଗର୍ବ ଏବଂ ଗୌରବର ବିଷୟ । ଏହି ସଫଳତାପରେ ସ୍ନେହା ଏବଂ ମୀନାଙ୍କ କୋଚ୍ ତଥା ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶଚନ୍ଦ୍ର ମହାନ୍ତଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ । ଦୁଇ ଓଡିଆଝିଅଙ୍କ ସଫଳତାରେ ମୟୂରଭଞ୍ଜ ୱେଟଲିଫ୍ ଏସୋସିଏସନର ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ,ଉପସଭାପତି ବିଜୟ କୁମାର ମିଶ୍ର, ଜୀତେନ୍ଦ୍ର ବେହେରା, ଯୁଗ୍ମସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଜୟ ଦାସ, ଉପଦେଷ୍ଟା ଶଙ୍କର କୁମାର କର, ମନୋଜ ରାଉତ, ପ୍ରିୟବ୍ରତ ଦାସଙ୍କ ସମେତ ରାଜ୍ୟ ଭରତ୍ତୋଳନ ଏସୋସିଏସନର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନିରୟଣ ସାହୁ, ସମ୍ପାଦକ ତଥା ଅର୍ଜୁନପୁରସ୍କାରପ୍ରାପ୍ତ କେ ରବିକମାର,ଉପଦେଷ୍ଟା ଶଙ୍କର କୁମାର କର, ମନୋଜ ରାଉତ, ପ୍ରିୟବ୍ରତ ଦାସଙ୍କ ସମେତ ରାଜ୍ୟ ଭାରତ୍ତୋଳନ ଏସୋସିଏସନର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ତଥା ଅର୍ଜୁନପୁରସ୍କାରପ୍ରାପ୍ତ କେ. ରବିକୁମାର, ସୋର୍ଟହଷ୍ଟେଲ କୋଚ୍ ଧର୍ମା ରାଓ ଏବଂ ଆନ୍ତର୍ଜାତୀୟ ଭାରତ୍ତୋଳନକାରୀ ମନ୍ଦାକିନୀ ମହାନ୍ତ ପ୍ରମୁଖ ଏହି କୃତୀତ୍ୱ ପାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି । ପ୍ରକାଶ ଥାଉକି ସ୍ନେହା ସୋରେନ ଭୁବନେଶ୍ୱରସ୍ଥିତ ଟେନଭିକ୍‌ରେ କୋଚିଂ ନେଉଥିବା ବେଳେ ମୀନା ସିଂ କଳିଙ୍ଗ ଷ୍ଟାଡିୟମର ସୋର୍ଟହଷ୍ଟେଲରେ ତାଲିମ୍ ନେଉଛନ୍ତି।

# ଶୀତ ଦିନରେ ବି ପାଣି ନାହିଁ: ୪୦ ପରିବାର ପାଣି ପାଇଁ ଦହଗଞ୍ଜ



ଆଳି, ୦୫/୧ (ନି.ପ୍ର): ଶୀତ ଦିନେ ବି ଘାରିଛି ପାଣି ଚିନ୍ତା। ପାଇପରେ ପାଣି ଆସୁ ନଥିବାରୁ ଘରଠାରୁ ଦୂରକୁ ଯାଇ ଧାଡ଼ି ବାନ୍ଧି ପାଣି ଆଣୁଛନ୍ତି ୪୦ ପରିବାର। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପତ୍ରପୁର ପଞ୍ଚାୟତ ଭରତପୁର ଗ୍ରାମର ଏହି ୪୦ ପରିବାର ଶୀତ ଦିନେ ବି ଏଭଳି ସ୍ଥିତିର ସାମନା କରୁଥିବା ବେଳେ ଆଗକୁ ଖରା ଆସିଲେ ସେମାନଙ୍କ ଅବସ୍ଥା କଣ ହେବ ତାହାକୁ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢୁଛି। ତଥ୍ୟ ଅନୁଯାୟୀ ଅଞ୍ଚଳରେ ପାଣି ପ୍ରକଳ୍ପ ସ୍ଥାପନ ହୋଇଛି। ଗାଁରେ ପାଇପ୍ ବିଛା ଯାଇଛି। ଘରକୁ ଘର ପ୍ରତି ଘରକୁ ପାଇପ ସଂଯୋଗ ହୋଇଛି। ହେଲେ ଗ୍ରାମବାସୀ ପାନୀୟଜଳ ଟୋପାଏ ପାଇଁ ବର୍ଷକ ବାରମାସ ଦହଗଞ୍ଜ ହେଉଛନ୍ତି ଗ୍ରାମର ୪୦ ପରିବାର। ଏ ଘଟଣା ମାସେ କି ଦୁଇ ମାସର ନୁହେଁ, ବରଂ ବର୍ଷବର୍ଷ ଧରି ଏଭଳି ସମସ୍ୟା ଭୋଗୁଛନ୍ତି ଏହି ଗ୍ରାମବାସୀ। ସମସ୍ୟାର ସମାଧାନ ପାଇଁ ପଞ୍ଚାୟତର ସରପଞ୍ଚ, ପାନୀୟଜଳ ବିଭାଗୀୟ ଯନ୍ତ୍ରୀ ଓ ବିଡିଓଙ୍କ ନିକଟକୁ ବର୍ଷବର୍ଷ ଧରି ଦୌଡିବା ପରେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ୫ ବର୍ଷ ତଳେ ପ୍ରକଳ୍ପ ସ୍ଥାପନ କରାଯାଇ ଭରତପୁର ଗାଁକୁ ପାଇପ ବିଛା ଯାଇଥିଲା ଓ ପ୍ରତି ଘରକୁ ପାଇପ୍ ଲାଇନ୍ ସଂଯୋଗ କରାଯାଇଥିଲା। ଗାଁର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ମଧ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ମାଧମରେ ଗ୍ରାମବାସୀ ପିଇବା ପାଣି ପାଉଥିଲେ। ଜଳକଷ୍ଟ ଦୂର ହେଲା ବୋଲି ଗ୍ରାମବାସୀ ଆଶ୍ୱସ୍ତ ଥିଲେ। ହେଲେ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେଲା ପାଇପ୍ ପାଣି ଆସିବା ଠପ୍ ହୋଇଯାଇଛି। ବିଭିନ୍ନ ଦପ୍ତରକୁ ଦୌଡିଦୌଡି ନୟାନ୍ତ ହେବା ପରେ ମଧ କେହି ଶୁଣୁ ନାହାନ୍ତି ବୋଲି ଗ୍ରାମବାସୀ ସୌଭାଗ୍ୟ ରାଉତ, ସାବିତ୍ରୀ ସାହୁ, ପ୍ରମୋଦ ସାହୁ, ଶିବୁ ତରାଇ, ତପସ୍ୱିନୀ ସାହୁ, ହୃଷୀକେଶ ମହାରଣା ଓ ଦେବାଶିଷ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ମିନତି ଜଗଦେବ କହିଛନ୍ତି ଯେ ସଂପୃକ୍ତ ପାନୀୟଜଳ ପ୍ରକଳ୍ପର ଶେଷସୀମାରେ ଭରତପୁର ଗ୍ରାମ ରହିଛି। ପ୍ରକଳ୍ପ ପାଖାପାଖି ଗ୍ରାମଗୁଡିକ ପାନୀୟଜଳର ଅପଚୟ କରି କୃଷି ଓ ଅନ୍ୟ କାମରେ ଲଗାଉଛନ୍ତି। ଏଥିପାଇଁ ଭରତପୁର ଗାଁରେ ଏଭଳି ସମସ୍ୟା ଦେଖାଦେଇଛି। ତେବେ ପ୍ରଶ୍ନ ଉଠୁଛି ପାନୀୟଜଳର ବେଆଇନ ଉପଯୋଗ ଓ ଅପବ୍ୟବହାର ରୋକିବା ଦାୟିତ୍ୱ କାହାର ? ଜଳ ଅପଚୟ ରୋକା ଯାଉନାହିଁ କାହିଁକି ? ଘଟଣା ଯାହା ହେଉନା କାହିଁକି ଜରୁରିକାଳୀନ ଭିତ୍ତିରେ ଭରତପୁର ଗ୍ରାମର ପାନୀୟଜଳ ସଂକଟ ଦୂର କରାଯାଇ ଜଳଯୋଗାଣ ପାଇଁ ମତ ପ୍ରକାଶ ପାଇଛି।

# ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନରେ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବସ୍ତା , ୦୫/୧ (ନି,ପ୍ର): ବସ୍ତା ଥାନା ଅଧିନସ୍ଥ ହଳଦୀପଦା ସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇ ଅଛି । ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର ଦାସଙ୍କ ତତ୍ୱବଧାନରେ ବୈଠକରେ ସମ୍ପାଦକ ଅନିଲକୁମାରସାହୁ, ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଜଗୋପାଳ ମହାନ୍ତି ଉପସ୍ଥିତଥିଲେ । ଆସନ୍ତା ୭ ତାରିଖରେ ଶିଶୁ ଓ ଅଭିଭାବକ ଙ୍କୁ ନେଇ କର୍ମଶାଳା, ୧୩ରେ ରକ୍ତଦାନ ଶିବିର,୧୪ରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପିଲା ମାନଙ୍କୁ ନେଇ ନୃତ୍ୟ ସଂଗୀତ, ଭାଷଣ, ଏକକ ଅଭିନୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହେବା ସହିତ ୨୦୨୪ ସାରସ୍ୱତ ସମ୍ମାନ ପାଇଁ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଙ୍କୁ ସମ୍ମାନକରାଯିବ । ଅତିଥିବାବେ ସଦର ବାଧାୟକସୂରୋପ ଦାସ ,ବିଡିଓ ପ୍ରିୟଦର୍ଶନୀ ମଲ୍ଲିକ,ମନିନ୍ଦ୍ର ମହାନ୍ତି,ସମରପିତ କର, ଅତିରିକ୍ତ ତହସିଲଦାର ଯୋଗ ଦାନ କରିବେବୋଲି ସ୍ଥିରିକୃତ ହୋଇଛି । ଅନୁଷ୍ଠାନର କର୍ମକର୍ତ୍ତା ତପନକୁମାର ସାହୁ, ଚନ୍ଦନ ସାହୁ,ଜୟନ୍ତ ସାହୁ,ସନ୍ତୋଷ ସାହୁ, ସୁବିନାଶ ବେହେରା, ଅଶୋକ ଦାସ, ନିତ୍ୟାନନ୍ଦ ସାହୁ, ରୁଦ୍ରନାରାୟଣ ସାହୁ, ନନ୍ଦନ ବେହେରା, ଆଦିତ୍ୟ ସାହୁ, ଗଣେଶ ସାହୁ ପ୍ରମୁଖ ଉପସ୍ଥିତଥିଲେ ।

# ନୂଆବର୍ଷରେ ହୋର୍ଡ଼ିଂ ରାଜନୀତି: ଏଥର ଭାଇ ବନାମ ଭାଇନା

ପୁରୀ, ୦୫/୧ (ନି.ପ୍ର): ଦିନକୁ ଦିନ ପୁରୀ ସହର ଓ ସଦରରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି । ନୂଆବର୍ଷରୁ ସହର ସମେତ ସଦର ଅଂଚଳରେ ଭାଇ ଓ ଭାଇନାଙ୍କ ହୋର୍ଡ଼ିଂ ଦେଖିବାକୁ ମିଳୁଛି । ପୁରୀ ସହରର ବିଭିନ୍ନ ଛକ ସ୍ଥାନ ପ୍ରବେଶପଥ,ଭିଆଇପି ରୋଡ୍, କଚେରି ଛକ ଓ ବଡ଼ଦାଣ୍ଡ ସମେତ ଅନେକ ସ୍ଥାନରେ ନେତା ମାନଙ୍କ ହୋର୍ଡ଼ିଂ ଦେଖିବାକୁ ମିଳିଛି । କିଏ କେଉଁ ଦଳରୁ ପ୍ରକୃତ ଟିକେଟ ପାଇବ ତାହା ଠିକ୍ ହୋଇନଥିବା ବେଳେ ଆଶାୟୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି । ବିଭିନ୍ନ ସ୍ଥାନରେ ନୂଆବର୍ଷ ପାଇଁ ଭୋଜିଭାତର ଆସର ସହ ରାଜନୈତିକ ମୂଳଦୁଆ ମଜଭୁତ କରିବା ପାଇଁବା ପାଇଁ ଗାଁ ଗାଁରେ କର୍ମୀ ମାନଙ୍କୁ ବଛା ଯାଉଛି । ବିଶେଷ କରି ବିଜୁ ଜନତା ଦଳରୁ ଆଶାୟୀ ପ୍ରାର୍ଥୀ ମାନଙ୍କ ମଧ୍ୟରେ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁତ୍ର ସୁନୀଲ ମହାନ୍ତି,ଯୁବନେତା ଶୁଭାଶିଷ ଖୁଂଟିଆ, ସଦରବ୍ଲକ ଅଧକ୍ଷ ଦିବାକର ପାତ୍ର,ଅପ୍ରତିଦ୍ୱନ୍ଦୀ ସମିତିସଭ୍ୟ ତଥା ଆଇନଜୀବୀ ପ୍ରସନ୍ନ କୁମାର ମିଶ୍ର,ନାରୀନେତ୍ରୀ ପୁଷ୍ପାଞ୍ଜଳି ରଣା ଓ ଅନ୍ୟମାନେ ରହିଛନ୍ତି । ସେହିପରି ବିଜେପି ଦଳରୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ,ମଧୁସୂଦନ ସିଂହାରୀ, ଜ୍ୟୋତି ମହାପାତ୍ର ଆଦି ରହିଛନ୍ତି । କଂଗ୍ରେସ ପକ୍ଷରୁ ଉମାବଲ୍ଲଭ ରଥ, ଅରୋପ୍ରସାଦ ମିଶ୍ର, ଇଂ ରାଜେଶ ମିଶ୍ର,ଜୟୀନାରାୟଣ ପଟ୍ଟନାୟକ,ସୁଜିତ ମହାପାତ୍ର ଆଦି ନେତାମାନେ ରହିଛନ୍ତି । ଆମ ଆଦମୀ ପାର୍ଟି ପକ୍ଷରୁ ଉଚ୍ଚ ଶିକ୍ଷିତ ସମାଜସେବୀ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାର ସମ୍ଭାବନା ରହିଛି । ବିଜେଡ଼ି ଦଳ ତାର ଜିଲ୍ଲା ସଭାପତି ଚୟନ କରିନଥିବାରୁ ଦଳୀୟ ଶୃଙ୍ଖଳା ସଜାଡ଼ିବା ପାଇଁ ଅସୁବିଧା ସୃଷ୍ଟି ହେଉଛି । ଶୁଭାଶିଷ ଖୁଂଟିଆ ତାଙ୍କର ଯୁବ ଶକ୍ତିକୁ ନେଇ ଓ ପୁରୀର ଉନ୍ନତି ସମ୍ପର୍କରେ ବଖାଣିବା ସହ ଗାଁ ଗାଁରେ ଯୁବ ଶକ୍ତିକୁ ଆପାଣଉଛନ୍ତି । ସେହିପରି ସଦର ଅଞ୍ଚଳରେ ବେଶ ପରିଚିତ ବର୍ତମାନର ବ୍ଲକ ଅଧକ୍ଷ ଦିବାକର ପାତ୍ର ଅନେକ ସ୍ଥାନରେ ପୋଷ୍ଟର ଓ ହୋର୍ଡ଼ିଂ ଲଗାଇଥିବା ବେଳେ ପରିସ୍ଥିତି ଦେଖି ସାଂସଦଙ୍କ ସହାୟତାରେ ଟିକେଟ ହାତେବା ପାଇଁ ଅତି ସତର୍କତାର ସହ ଲବି ଚଳାଇଥିବା ଶୁଣାଯାଉଛି । ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ବ୍ଲକ ଚେୟାରମ୍ୟାନ ପାଇଁ ଆଶାୟୀ ହୋଇ ଅପ୍ରତିଦ୍ୱନ୍ଦୀ ସମିତିସଭ୍ୟ ଭାବେ ପ୍ରସନ୍ନ କୁମାର ମଶ୍ର ଜିତିଥିଲେ । ଏବେ ଦୁଇ ମାସ ଧରି ସେ ୨୨ଟି ପଞ୍ଚାୟତରେ ତାଙ୍କର ନିଜସ୍ୱ ସଂଗଠନ ସଜାଡ଼ିବା ସହ ହୋର୍ଡ଼ିଂ ପୋଷ୍ଟର ଲଗାଇଥିବାରୁ ତାଙ୍କ ନାମ ଏବେ ଚର୍ଚ୍ଚା ପରିସରକୁ ଆସିଛି । ଯଦି ଦଳୀୟ ଟିକେଟ ନମିଳେ ତେବେ ସେ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି । ଓକିଲ ସଂଘ ନିର୍ବାଚନରେ ଶ୍ରୀମିଶ୍ର ସାଧାରଣ ସଂପାଦକ ଭାବେ ପ୍ରାର୍ଥୀ ହୋଇଥିଲେ । ଏଥର ମୁଖ୍ୟ ଚର୍ଚ୍ଚା ହେଉଛି ଭାଇ ସହ ଭାଇନାଙ୍କ ଲଢେଇ । ଆଶାୟୀଙ୍କ ମଧ୍ୟରେ ୪ଜଣ ଭାଇ ଥିବା ବେଳେ ୩ଜଣ ଭାଇନା ରହିଛନ୍ତି ।

# ଜାନୁଆରି ୬ରୁ ଓରମାସ ଶିଶିର ସରସ: ବରମୁଣ୍ଡା ପଡ଼ିଆରେ ୨୬ଟି ରାଜ୍ୟର ୪୦୦ ଷ୍ଟଲ୍




ଖଣ୍ଡଗିରି, ୦୫/୧ (ନି.ପ୍ର): ଜାତୀୟସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ-୨୦୨୪' ଜାନୁଆରି ୬ ତାରିଖରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ଓରମାସ ପକ୍ଷରୁ ଆରମ୍ଭ ହେବ। ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଓ?ମାସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି କହିଛନ୍ତି, ୪୦୦ଟି ଷ୍ଟଲ ଜରିଆରେ ଓଡ଼ିଶା ସମେତ ୨୬ଟି ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ କାରିଗରମାନଙ୍କ ହାତ ତିଆରି ସାମଗ୍ରୀର ବିକ୍ରି ହେବ। ସ୍ୱତନ୍ତ୍ର ଫୁଡ୍ କୋର୍ଟ ସହ, ସେଲଫି ପଏଣ୍ଟ, ଓରମାସର ମାର୍କେଟିଂ, ଜୀବିକା ଓ ଦକ୍ଷତା ବିକାଶ ଆଦିକୁ ନେଇ ସ୍ୱତନ୍ତ୍ର ଥିମ୍ ଷ୍ଟଲ କରାଯାଉଛି। ବରିଷ୍ଠ ନାଗରିକଙ୍କ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ୟାଟେରି ଚାଳିତ ଗାଡ଼ି, କୁନି କୁନି ପିଲାଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର କିଡ୍ସ ଜୋନର ବ୍ୟବସ୍ଥା ମଧ ହୋଇଛି। ମେଳାରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ଏବଂ ଟ୍ରାଫିକ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ଓରମାସ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଘରୋଇ ତଥା ରାଷ୍ଟ୍ରାୟତ ବ୍ୟାଙ୍କ ପକ୍ଷରୁ ମେଳା ପରିସରରେ ଏଟିଏମ ମେସିନ ଲଗାଇବା, ପାନୀୟ ଜଳ ଯୋଗାଣ, ମେଳା ବୁଲିବାକୁ ଆସୁଥିବା ଲୋକଙ୍କ ପାଇଁ ଦୁଇ ଚକିଆ, ତିନି ଚକିଆ ଏବଂ ଚାରି ଚକିଆ (ହାଲୁକା ଯାନ) ରଖିବା ପାଇଁ ସ୍ୱତନ୍ତ୍ର ପାର୍କିଂ ଜୋନର ବ୍ୟବସ୍ଥା, ମେଳା ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ବିଏମ୍‌ସି ପକ୍ଷରୁ ମେଳାରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ଏଥିରେ ପଣ୍ଡିଚେରୀର କାଗଜ ତିଆରି ସାମଗ୍ରୀ, ଉତ୍ତର ପ୍ରଦେଶର ଲୁହାରୁ ତିଆରି ସାମଗ୍ରୀ, ଛତିଶଗଡ଼ର ଟସର ଲୁଗା, ଆସାମର ବାଉଁଶରୁ ପ୍ରସ୍ତୁତ ସାମଗ୍ରୀ, ଓଡ଼ିଶାର ଆଦିବାସୀ ଅଳଙ୍କାର, ଡୋକ୍ରା ଜିନିଷ, ଟେରାକୋଟା, ଅଦରକାରୀ କାଗଜରୁ ତିଆରି ଘର ସାଜସଜ୍ଜା ସାମଗ୍ରୀ, ଖାଦ୍ୟ ଓ ମସଲା ଆଦି ଜିନିଷ ଆକର୍ଷଣର କେନ୍ଦ୍ର ହେବ।

# ସେଲ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ ଆରପିଏଲ୍ ସାର୍ଟିଫିକେଟ୍ ପ୍ରଦାନ ସମାରୋହ



ରାଉରକେଲା, ୦୫/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୧ , ସିଲିକନ୍ ଷ୍ଟିଲ୍ ମିଲ୍, କୋଲ୍ଡ ରୋଲିଂ ମିଲ୍ ଏବଂ ପାଇପ୍ ପ୍ଲାଣ୍ଟର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିବା ଆରପିଏଲ ଟ୍ରେନିଂର ପ୍ରଥମ ସାତୋଟି ବ୍ୟାଚ୍ ର ୩୨ ଜଣ ଠିକା ଶ୍ରମିକଙ୍କୁ ଭାରତୀୟ ଆଇରନ୍ ଏଣ୍ଡ ଷ୍ଟିଲ ସେକ୍ଟର ସ୍କିଲ କାଉନ୍ସିଲ ଦ୍ୱାରା ଆର ପି ଏଲ ତାଲିମ କାର୍ଯ୍ୟକ୍ରମର ସଫଳ ସମାପ୍ତି ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ସାର୍ଟିଫିକେଟ୍ ପ୍ରଦାନ ସମାରୋହ ଡିସେମ୍ବର ୨୭ ତାରିଖ ଦିନ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଏଚ ଏସ ଏମ-୧, ସି ଆର ଏମ, ଏସ ଏସ ଏମ , ପି ପି ଏବଂ ଆରଏସ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ସୁବ୍ରତ କୁମାର ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚଆରଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, ପାଇପ ପ୍ଲାଣ୍ଟ ବିଭାଗର ଜି ଏମ ଇନ ଚାର୍ଜ ଏମଡି ମୋଇନ୍ ଉଦ୍ଦିନ ଲାସ୍କର, ସିଲିକନ୍ ଷ୍ଟିଲ୍ ମିଲ୍ ବିଭାଗର ଜି ଏମ ଇନ ଚାର୍ଜ ଶ୍ରୀ ଚିତ୍ତ ରଂଜନ ମିଶ୍ର, ସି ଆର ଏମ ବିଭାଗର ଜି ଏମ ଇନ ଚାର୍ଜ ଶ୍ରୀ ଗୁରୁମିନ୍ଦର ସିଂ, ଏଚ ଏସ ଏମ -୧ ବିଭାଗର ଜି ଏମ ଇନ ଚାର୍ଜ , ଶ୍ରୀ କଲ୍ୟାଣ ସମଜଦାର , ଏଚ ଆର ଡି ବିଭାଗ ର ଜି ଏମ ଶ୍ରୀ ଏସ୍ କୋଣ୍ଡା, ଏବଂ କାରଖାନା ର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ସୁବ୍ରତ କୁମାର ଏହି ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିଥିବାରୁ ଠିକା ଶ୍ରମିକ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । କାରଖାନା ର ଉନ୍ନତି ନିମନ୍ତେ ଲାଭ କରିଥିବା କୌଶଳ ପ୍ରୟୋଗ କରିବାକୁ ସେ ସେମାନଙ୍କୁ ଅନୁରୋଧ କରିଥିଲେ।

ପ୍ରାରମ୍ଭରେ ଏଚ ଆର ଡି ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଏଲ ମାରାଣ୍ଡି ଏହି ସମାବେଶକୁ ସ୍ୱାଗତ କରିଥିଲେ। ଶ୍ରୀ ଆଲୋକ ବେହେରା, ଜୁନିଅର ଅଫିସର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ଏସ୍ କୋଣ୍ଡା, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ପାଣିକୋଇଲି ଗଣେଷ ବଜାରରେ ଜଳିଲା ଉଚ୍ଚକ୍ଷମତା ସମ୍ପନ୍ନ ଆଲୋକ

କୋରେଇ, ୦୫/୧ (ନି.ପ୍ର): ଦିବାରାତ୍ରୀ ଯାତ୍ରୀମାନଙ୍କ ସକାଶେ ଖୋଲା ରହୁଥିା ପାଣିକୋଇଲି ବଜାରେ ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକର ଯଥେଷ୍ଟ ଆବଶ୍ୟକତା ରହିଛି । ଦୁଇଟି ରାଜପଥର ସଂଯୋଗସ୍ଥଳ ପାଣିକୋଇଲି ହୋଇଥିବା ବେଳେ ଓଭରବ୍ରିଜ ବଜାରକୁ ଦୁଇଭାଗରେ ବିଭକ୍ତ କରିଛି । ଫଳରେ ରାଜପଥ ବିଭାଗ ପକ୍ଷରୁ ଓଭରବ୍ରିଜର ଉଭୟପାର୍ଶ୍ୱରେ ଦୁଇଟି ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକ (ହାଇମାକ୍ସ ଲାଇଟ) ଲଗାଯାଇଥିଲା । ଯାହା ରାତ୍ରୀରେ ବଜାରବାସୀ ଓ ଯାତ୍ରୀ ମାନଙ୍କ ପାଇଁ ବହୁ ସହାୟକ ହେଉଥିଲା । ହେଲେ କିଛି ଦଦିନ ପରେ ଏହା ଖରାପ ହେବାରୁ ଆଲୋକୀକରଣ ବନ୍ଦ ରହିଥିଲା । ପାଣିକୋଇଲିର ଯୁବ ସମାଜସେବୀ ରାକେଶ କୁମାର ସାହୁ, ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଏନେଇ ବିଭଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଉକ୍ତ ଦୁଇ ଲାଇଟ ମରାମତି କରାଯାଇଥିଲା । ଫଳରେ ପାଣିକୋଇଲି ଗଣେଷ ବଜାରରେ ଲାଇଟ ଜଳିବା ଯୋଗୁ ବଜାରବାସୀ ଖୁସିବ୍ୟକ୍ତ କରିଛନ୍ତି ।

# ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୦୫/୧ (ନି.ପ୍ର): ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ନିରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଶ୍ରୀ ରାମ ନବମି ପାଳନ ସମିତି, ହିନ୍ଦୁ ସମାଜ ଜୟପୁର ଦ୍ୱାରା ଏହି ବୈଠକ ଅନୁଷ୍ଠିତ ହୋଇଛି । ଚୈତନ୍ୟ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଅଯୋଦ୍ଧାରେ ହେବାକୁ ଥିବା ପ୍ରବୁ ଶ୍ରୀ ରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାକୁ ନେଇ ଜୟପୁର ସହରରେ କିଭଳି କାଯ୍ୟକ୍ରମ ରହିବ ସେଥି ପାଇ ସମସ୍ତ ଆଧାତ୍ମିକ, ସାମାଜିକ, ସଂଦଠନ, ବୁଦ୍ଧୀଜୀବି, ସମସ୍ତ ମନ୍ଦିର କମିଟିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୧ ତାରିଖରେ ରଘୁନାଥ ମନ୍ଦିର ନିକଟରେ ସଂନ୍ଧ୍ୟାର ଭଜନ ସଂନ୍ଧ୍ୟା ସହ ସହ ସେବକ ମାନଙ୍କୁ ସମ୍ମାନିତ କରଯିବ । ୨୨ ତାରିଖରେ ପାରାବେଢା ଝାଙ୍କର ଦେଇ ମନ୍ଦିର ଠାରୁ ରଘୁନାଥ ମନ୍ଦିର ଯାଏ ଶୋଭାଯାତ୍ରା ବାହାରିବ ବୋଲି ନିଷ୍ପତି ହୋଇଛି । ବୈଠକରେ ରଜନି ନାୟକ, ସତିଶ ନନ୍ଦ, ଲଳିତ ଅଗ୍ରୱାଲ, ସିଦ୍ଧାର୍ଥ ପାତ୍ର, ସନ୍ଦିର ଦଳାଇ,ବରୁଣ ଜୈନ. ନିଖିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ ବର୍ଷରେ ଦୁର୍ଗମ ଅଂଚଳରେ ଖୁସି ବାଂଟିଲା ଟିପିସିଓଡିଏଲ: ୧୪୩ଟି ଆଦିବାସୀ ପରିବାରରେ ଜଳିଲା ବିଦ୍ୟୁତ ଆଲୁଅ

ଭୁବନେଶ୍ୱର, ୦୫/୧ (ନି.ପ୍ର): ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୧୪୩ଟି ଆଦିବାସୀ ପରିବାରକୁ ମାଗଣାରେ ବିଦ୍ୟୁତ ସେବା ପ୍ରଦାନ କରାଯାଇଛି। ଅନୁଗୁଳ ଜିଲ୍ଲା ପାଲ୍ଲହଡ଼ା ବ୍ଲକ ଅନ୍ତର୍ଗତ ୩ଟି ଆଦିବାସୀ ପ୍ରବଣ ଗାଁରେ ଟିପିସିଓଡିଏଲ ପକ୍ଷରୁ ସୋଲାର ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ ଯୋଗଇ ଦିଆଯାଇଛି। ବରଡିହ ଗ୍ରାମ ପଂଚାୟତର ସଲେଇ ଓ କଡକ ଗାଁ ଏବଂ ପେଚାମୁଣ୍ଡି ଗ୍ରାମ ପଂଚାୟତର ଦୁଇପାଣି ଗାଁରେ ସୋଲାର ପ୍ୟାନେଲ ମାଧ୍ୟମରେ ୧୪୩ଟି ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଏହି ତିନୋଟି ଗାଁ ଜଙ୍ଗଲ ଭିତରେ ରହିଥିବା ବେଳେ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ରହିଆସିଥିଲା। ଟିପିସିଓଡିଏଲ ଓ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ମିଳିତ ଉଦ୍ୟମରେ ସେମାନଙ୍କ ଘରେ ସୋଲାର ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ ସେବା ପ୍ରଦାନ କରାଯାଇଛି। ୧୪୩ଟି ଆଦିବାସୀ ପରିବାରକୁ ବିଦ୍ୟୁତ ସଂଯୋଗ ସହ ପ୍ରତ୍ୟେକ ଘରକୁ ଏକ ରିମୋଟ ଚାଳିତ ଫ୍ୟାନ୍, ଗୋଟିଏ ଏଲଇଡି ଟ୍ୟୁବ ଲାଇଟ୍, ୩ଟି ଏଲଇଡି ବଲ୍ବ , ବ୍ୟାଟେରୀ ଓ ଚାର୍ଜର ମଧ ପ୍ରଦାନ କରାଯାଇଛି। ଏହିପରି ସୁଦୂର ସ୍ଥାନରେ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବା ପାଇଁ ରୋବଷ୍ଟ ବ୍ୟାଟେରୀ ବ୍ୟାଙ୍କ, ଚାର୍ଜ କଂଟ୍ରୋଲର୍ ଏବଂ ରିମୋଟ ସୁଇଚ୍ ମଧ ଯୋଗାଇ ଦିଆଯାଇଛି। ଦୀର୍ଘ ବର୍ଷ ପରେ ବିଜୁଳି ଆଲୁଅ ଦେଖି ଖୁସି ହୋଇଛନ୍ତି ଏହି ତିନୋଟି ଗାଁର ଲୋକେ। ଏହି ପଦକ୍ଷେପର ସଫଳ କାର୍ଯ୍ୟକାରିତାକୁ ନେଇ ଖୁସି ବ୍ୟକ୍ତ କରି ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ସମସ୍ତ କ୍ଷେତ୍ରର ଲୋକଙ୍କୁ ବିଦ୍ୟୁତ ସେବା ପ୍ରଦାନ ପାଇଁ ଆମେ ଦୃଢ ପ୍ରତିଶୃତିବଦ୍ଧ। ବେଳେ ବେଳେ ପ୍ରତିବନ୍ଧକ ଆମକୁ ଅଧିକ ସ୍ଥିର ଏବଂ ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ସମସ୍ତ ପ୍ରକାର ବାଧାବିଘ୍ନକୁ ସାମ୍ନା କରି ଦୁର୍ଗମ ଅଂଚଳରେ ମଧ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ୍ ପ୍ରତିଶୃତିବଦ୍ଧ। ନୂତନ ବର୍ଷରେ ଟିପିସିଓଡିଏଲ କେବଳ ଏହି ଭଳି ବିଦ୍ୟୁତ ସେବାରୁ ବଂଚିତ ଥିବା ଅନ୍ଧାର ଘରକୁ ଆଲୋକିତ କରାଇ ନାହିଁ ବରଂ ସେମାନଙ୍କ ମୁହଁରେ ହସ ଆଣିଦେଇଛି ଯେଉଁମାନେ ଏହି ଦୁର୍ଗମ ଅଂଚଳକୁ ନିଜ ଘର ଭାବରେ ଗ୍ରହଣ କରି ଦୀର୍ଘ ଦିନ ଧରି ବସବାସ କରିଆସୁଛନ୍ତି।

# ଆଦର୍ଶ ପ୍ରଧାନ ଶିକ୍ଷକ ମଧୁସୂଦନ ଦାସଙ୍କ ଏକାଦଶାହ ସମ୍ପନ୍ନ: ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମରଣିକା ଉନ୍ମୋଚିତ



ଜଳେଶ୍ୱର, ୫/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଜପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସମାଜସେବୀ ତଥା ରାଜପୁର ଗ୍ରାମ ପଞ୍ଚାୟତ ହାଇସ୍କୁଲର ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକ ମଧୁସୂଦନ ନାୟକଙ୍କ ଏକାଦଶାହ କର୍ମ ଶୋକାକୁଳ ପରିବେଶରେ ସମ୍ପର୍ଣ୍ଣ ହୋଇ ଯାଇଛି। ଏହି ଅବସରରେ ତାଙ୍କ ସ୍ମୃତିକୁ ପାଥେୟ କରି ତାଙ୍କ ଅମର କୃତି ଓ କୀର୍ତ୍ତି ଆଲେଖ୍ୟ କୁ ନେଇ ଏକ ସୁଦୃଶ ସ୍ମରଣିକା 'ମଧୁ ସ୍ମରଣେ' ପ୍ରକାଶିତ ହୋଇଥିଲା। ତାଙ୍କ ଉଦେଶ୍ୟରେ ତାଙ୍କ ବାସଭବନ ରେ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ରାଜପୁର ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଦୁଇଟି ଭିନ୍ନ ଭିନ୍ନ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ତାଙ୍କର ସହକର୍ମୀ ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିବା ସହ ସ୍ମରଣିକାଟିକୁ ଉନ୍ମୋଚନ କରିଥିଲେ।ପଣ୍ଡିତ ରବିନାରାୟଣ ମିଶ୍ର ଶାନ୍ତି ମନ୍ତ୍ର ଉଚ୍ଚାରଣ କରିଥିଲା ବେଳେ ଆଦ୍ୟ କଥା ରଖିଥିଲେ। ତାଙ୍କର ଜ୍ୟଷ୍ଠ ପୁତ୍ର ପ୍ରାଧ୍ୟାପକ ସଞ୍ଜୀବ ନାୟକ ସ୍ମରଣିକାର ସମ୍ପାଦନା କରିଥିବା ବେଳେ ସମ୍ପାଦକ ଶହୀଦ ମେମୋରିଆଲ କଲେଜର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡକ୍ଟର ଦିଲ୍ଲୀପ କୁମାର ଭୋଇ ଦିବଂଗତ ମଧୁସୂଦନ ନାୟକଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ତାଙ୍କର ଅନୁକରଣୀୟ କାର୍ଯ୍ୟଶୈଳୀ, ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ସ୍ମରଣିକାଟିର ସମୀକ୍ଷା କରିଥିଲେ।କ୍ଷଜପୁରାତନ ଛାତ୍ର ବ୍ରଜବଲ୍ଲଭ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଜେନା, ତାଙ୍କର ସହକର୍ମୀ ଆଦି ମଧୁସାରଙ୍କ ଅବିସ୍ମରଣୀୟ ସ୍ମୃତି, ଶିକ୍ଷାଦାନ ଶୈଳୀ, ଅମାୟିକ ବ୍ୟବହାର ଓ ସମାଜ ସେବା, ଗଠନମୂଳକ କାର୍ଯ୍ୟ ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ସମସ୍ତେ ତାଙ୍କର ଉତ୍ତମ ଆଦର୍ଶରେ ପରିଚାଳିତ ହୋଇ ସମାଜ କଲ୍ୟାଣରେ ନିଜକୁ ନିୟୋଜିତ କଲେ ତାହାହିଁ ହେବ ମଧୁ ସାରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଧର୍ମପତ୍ନୀ ସୁବର୍ଣ୍ଣ ମଞ୍ଜରୀ ନାୟକ, ପୁତ୍ର ସଞ୍ଜିବ କୁମାର ନାୟକ, ରାଜୀବ ନାୟକ ଓ ପ୍ରଦୀପ ନାୟକ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସମର ବଲ୍ଲଭ ସାହୁ, ଗୋପୀ ବଲ୍ଲଭ ସାହୁ, ସୁରେନ୍ଦ୍ର ସାହୁ, ରବିନ୍ଦ୍ର ସାହୁ, ସରପଞ୍ଚ ଦିଲ୍ଲୀପ କୁମାର ପରିଡ଼ା, ରାଜପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିରେଖା ଜେନା, ସମାଜସେବୀ ରାଧାଶ୍ୟାମ ସାହୁ, ଭବାନୀ ଶଙ୍କର ପାଳ, ଗୋରୀ ଶଙ୍କର ପାଳ, ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଦିବଂଗତ ମଧୁସୂଦନ ନାୟକଙ୍କ ସ୍ମୃତି ଚାରଣ କରିଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶୀତକାଳୀନ ଶିବିର ଉଦ୍‌ଘାଟିତ

ଭବାନୀପାଟଣା, ୫/୧ (ନି.ପ୍ର): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିକଟସ୍ଥ ଦୁଇ ପୋଷ୍ୟ ଗ୍ରାମ ଗଣନାଥପୁର ଓ ଗୁଡିଆଳିପଦର ଠାରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ପ୍ରିୟରଂଜନ ବେହେରା ପୁରୁଷ ବିଭାଗ, ମିସ୍ ରୋଜ ମେରି ରଶ୍ମିତ ଏକ୍କା ମହିଳା ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରମାନଙ୍କରେ ୫୦ ଜଣ ଲେଖାଏଁ ସ୍ୱେଚ୍ଛାସେବୀମାନଙ୍କୁ ନେଇ ମୋଟ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ତା ୦୪.୦୧.୨୦୨୪ ରିଖରୁ ତା।୧୦.୦୧.୨୦୨୪ ରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ କୁଳପତି କର୍ଣ୍ଣେଲ ପ୍ରଫେସର ସଂଜୟ କୁମାର ଶତପଥୀ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିଜେ ଅର୍ଜନ କରିଥିବା ଜ୍ଞାନଧନକୁ ସମାଜ ଉପରେ କିପରି କାର୍ଯ୍ୟକାରୀ କରାଯାଇ ପାରିବ ତାହା ଉପଦେଶ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୧୧ ସୁଦ୍ଧା ନିର୍ମାଣ ସରିବ...

ଜାନୁୟାରୀ ୧୪ରୁ ଏସବୁ ଅଂଚଳର ସୁରକ୍ଷା ପାଇଁ ପୁରୀ ପୁଲିସ ନିଜ ନିୟନ୍ତ୍ରଣକୁ ନେବ। ପରିକ୍ରମା ପ୍ରକଳ୍ପ ୧୭ତାରିଖରେ ଲୋକାର୍ପଣ ହେବ । ଏହି ଉଦଘାଟନ ସମାରୋହରେ ସାମିଲ ହେବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ବଡ଼ଦାଣ୍ଡର ଉଭୟ ପାଶ୍ୱର୍ରେ ଥିବା କୋଠାର ଛାତ ଉପରେ ବସିବାର ବ୍ୟବସ୍ଥା ହେବ । ଜିଲ୍ଲା ପ୍ରଶାସନ ମଧ ଏନେଇ ବଡ଼ଦାଣ୍ଡରେ ଥିବା ବିଭିନ୍ନ ମଠ ଓ କୋଠାର ମାଲିକଙ୍କୁ ଚିଠି ଲେଖିଛନ୍ତି । ଦୁଧୱାଲା ଧର୍ମଶାଳା, ବାଗେଡ଼ିଆ ଧର୍ମଶାଳା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରାଧାବଲ୍ଲଭ ମଠ, ପ୍ରତିହାରୀ ନିଯୋଗ ଅଫିସ ଓ ସିଂହଦ୍ୱାର ସୂଚନା କେନ୍ଦ୍ର କୋଠାରେ ବସିବା ପାଇଁ ବ୍ୟବସ୍ଥା ହୋଇଛି। ଶ୍ରୀ ଜେନା ଆହୁରି ମଧ କହିଛନ୍ତି ଯେ, ଲୋକଙ୍କ ସୁବିଧା ନିମନ୍ତେ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଲୋକାର୍ପଣ ପୂର୍ବରୁ ପ୍ରକଳ୍ପ ଅଂଚଳରେ ଶେଷ କରାଯିବ । ସୁରକ୍ଷା ଦୃଷ୍ଟିରୁ ସମଗ୍ର ସହରକୁ କଡ଼ା ସୁରକ୍ଷା ବଳୟ ମଧରେ ରଖାଯିବ । ପରିକ୍ରମା ପ୍ରକଳ୍ପର ଉଦଘାଟନ ଉତ୍ସବ ଦିନ ପୁରୀ ସହରକୁ ଆସୁଥିବା ଗାଡ଼ିଗୁଡ଼ିକ ନୂଆ ପାର୍କିଂ ସ୍ଥଳୀ ସମଙ୍ଗରେ ରହିବ । ଶନିବାରଠୁ ପ୍ରତ୍ୟେକ ପଂଚାୟତରେ ଶ୍ରୀଜଗନ୍ନାଥଙ୍କ ପ୍ରଚାର ରଥ ବୁଲିବା ସହ ଚାଉଳ ଓ ଗୁଆ ସଂଗ୍ରହ କରାଯିବ । ମୁଖ୍ୟ ସଚିବଙ୍କ ସହ ଯାଇଥିବା ପୁଲିସ ଏଡିଜି(ଆଇନଶୃଙ୍ଖଳା) ସଞ୍ଜୟ କୁମାର କହିଛନ୍ତି ଯେ, ଭିଆଇପି ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଏହାସହିତ ଉଦଘାଟନ ଦି ଶ୍ରଦ୍ଧାଳୁମାନେ ଯେପରି ସହଜରେ ଦର୍ଶନ କରିପାରିବେ ତା'ର ମଧ ବ୍ୟବସ୍ଥା ହୋଇଛି ।

## ରାଜ୍ୟରେ ୩.୩୨କୋଟି ...

ଯାହାକି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରତି ଏକହଜାର ପୁରୁଷରେ ୯୪୬ ଥିଲା । ୨୦୨୩ ଚିଠା ଭୋଟର ତାଲିକାରେ ୯୬୩ଥିଲା । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୪ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ରାଜ୍ୟରେ ୨୦୨୩ ଅକ୍ଟୋବର ୨୭ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା । ଏହି ଭୋଟର ତାଲିକାରେ ସଂଶୋଧନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା । ଏବେ ସଂଶୋଧିତ ଭୋଟର ତାଲିକାରେ ଏହି ମୋଟ ଭୋଟରଙ୍କ ସଂଖ୍ୟା ୩କୋଟି ୨୬ଲକ୍ଷ ୫୫ହଜାର ୨୧୩ରୁ ବୃଦ୍ଧି ପାଇ ୩କୋଟି ୩୨ଲକ୍ଷ ୩୬ହଜାର ୩୬୦ ହୋଇଛି । ସଂଶୋଧିତ ଭୋଟର ତାଲିକାରେ ପୁରୁଷ ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୨.୨୦ଲକ୍ଷ ବୃଦ୍ଧି ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୩.୬୨ଲକ୍ଷ ବୃଦ୍ଧି ହୋଇଛି । ତେବେ କିନ୍ନର(ତୃତୀୟ ଲିଙ୍ଗ) ଭୋଟରଙ୍କ ସଂଖ୍ୟା ୩୪୦୬ରୁ ୩୩୮୦କୁ ହ୍ରାସ ପାଇଛି । ଶ୍ରୀ ଧଳ କହିଛନ୍ତି ଯେ, ୨୦୨୩ ଚିଠା ଭୋଟର ତାଲିକାରେ ଯୁବ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୮୪ହଜାର ୧୪୮ ଥିବାବେଳେ ଏବେ ଚୂଡ଼ାନ୍ତ ତାଲିକାରେ ଏହା ୭ଲକ୍ଷ ୫୪ହଜାର ୯୪୬କୁ ବୃଦ୍ଧି ପାଇଛି । ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ମଧ ୪.୬୫ଲକ୍ଷରୁ ୪.୫୭ଲକ୍ଷକୁ ହ୍ରାସ ପାଇଛି । ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ ୭.୮୭ଲକ୍ଷରୁ ୬.୮୫ଲକ୍ଷକୁ ହ୍ରାସ ପାଇଛି । ସେ କହିଛନ୍ତି ଯେ, ଚଳିତ ଭୋଟର ତାଲିକା ସଂଶୋଧନବେଳେ ଯୁବଭୋଟର ଓ ମହିଳା ଭୋଟର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ଏହା ସଫଳ ହୋଇଛି । ଚଳିତ ସଂଶୋଧନରେ ମୋଟ ୧୨ଲକ୍ଷ ୯୭ହଜାର ୯୫୪ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି ଓ ସେଥିରେ ୧୮-୧୯ବର୍ଷ ବୟସର ୪ଲକ୍ଷ ୭୬ହଜାର ୯୬୯ଜଣ ଭୋଟଙ୍କୁ ସାମିଲ କରାଯାଇଛି । ଅନ୍ୟପକ୍ଷରେ ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ମୋଟ ୭ଲକ୍ଷ ୧୬ହଜାର ୮୦୭ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୩.୭୫ଲକ୍ଷ ମୃତ, ୨.୭୧ଲକ୍ଷ ସ୍ଥାୟୀ ଭାବେ ସ୍ଥାନାନ୍ତର ଓ ୬୫୮୫୮ଜଣ ଭୋଟରଙ୍କର ଏକାଧିକ ସ୍ଥାନରେ ତାଲିକାରେ ନାଁ ଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ଏହାହିତ ମୋଟ ୪ଲକ୍ଷ ୨୨ହଜାର ୬୩୮ଜଣ ଭୋଟର ତାଲିକାରେ ନିଜର ସଂଶୋଧନ କରାଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୨୦୧୯ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରତି ଏକହଜାର ପୁରୁଷ ଭୋଟର ଅନୁପାତରେ ମାତ୍ର ୯୪୬ଜଣ ମହିଳା ଭୋଟର ଥିବାବେଳେ ଏହି ଅନୁପାତ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ପ୍ରତି ହଜାରେ ପୁରୁଷ ଭୋଟରରେ ୨୦୨୦ରେ ୯୫୪, ୨୦୨୧ରେ ୯୫୮,୨୦୨୨ରେ ୯୬୪, ୨୦୨୩ରେ ୯୬୧ ଓ ୨୦୨୪ରେ ଏହା ୯୭୨କୁ ବୃଦ୍ଧି ପାଇଛି । ସେହିପରି ୨୦୨୪ ଚୂଡ଼ାନ୍ତ ଭୋଟର ତାଲିକାରେ ୧୮-୧୯ବର୍ଷ ବୟସର ଯୁବଭୋଟରଙ୍କ ସଂଖ୍ୟା ମୋଟ ୭ଲକ୍ଷ ୫୪ହଜାର ୯୪୬ ରହିଛି । ୨୦୧୯ରେ ଏହି ଯୁବ ଭୋଟରଙ୍କ ପରିମାଣ ୫.୪୫ଲକ୍ଷ ଥିବାବେଳେ ୨୦୨୦ରେ ୫.୪୨ଲକ୍ଷ, ୨୦୨୧ରେ ୪.୧୦ଲକ୍ଷ, ୨୦୨୨ରେ ୫.୨୩ଲକ୍ଷ ଓ ୨୦୨୩ରେ ୪.୪୫ଲକ୍ଷ ଥିଲା । ମାତ୍ର ୨୦୨୪ ସଂଶୋଧିତ ଭୋଟର ତାଲିକାରେ ଏହି ଯୁବ ଭୋଟର(୧୮-୧୯ବର୍ଷ ବୟସର) ସଂଖ୍ୟା ୭ଲକ୍ଷ ୫୪ହଜାର ୯୪୬ ରହିଛି । ଶ୍ରୀ ଧଳ କହିଛନ୍ତି ଯେ, ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲେ ମଧ ଯେଉଁ ଯୋଗ୍ୟ ନାଗରିକ ଚାହିଁବେ ଭୋଟର ତାଲିକାରେ ନିଜର ନାମ ଯୋଡ଼ି ପାରିବେ । ଏହା ଏକ ନିରନ୍ତର ପ୍ରକ୍ରିୟା । ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବାର ପୂର୍ବଦିନ ପର୍ଯ୍ୟନ୍ତ

## ଦିଲ୍ଲୀ ସରକାରଙ୍କ ଉପରେ...

ଚିକିତ୍ସା ନାଁରେ ୨୩ହଜାର ଲୋକଙ୍କୁ ମିଛରେ ରୋଗୀ ସଜାଯାଇ ଡାକ୍ତରଖାନାରେ ଭର୍ତି କରାଯାଇଛି । ନକଲି ଔଷଧ ଓ ପାଥୋ ଲ୍ୟାବର ବ୍ୟବହାର କରାଯାଇ କୋଟି କୋଟି ଟଙ୍କାର ଲୁଟ କରିଛନ୍ତି କେଜ୍ରିୱାଲ ସରକାର । ଏନେଇ ଉପ-ରାଜ୍ୟପାଳ ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ । ଡିସେମ୍ବର ୨୩ ତାରିଖରେ ଉପରାଜ୍ୟପାଳ ଏକଥା ମଧ ଅଭିଯୋଗ କରିଥିଲେ ଯେ ଦ୍ଲୀର ସରକାରୀ ଡାକ୍ତରଖାନାରେ ନକଲି ଔଷଧ ଦିଆଯାଉଛି । ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ମେଣ୍ଟଫାଟ କମ ...

କିଭଳି ସାଧାରଣ ନିର୍ବାଚନକୁ ସୁରକ୍ଷିତ ଭାବେ ଲଢ଼ିବ ସେନେଇ କସରତ କରୁଛି କଂଗ୍ରେସ । ଅସନ୍ତୁଷ୍ଟ ସହଯୋଗୀ ଦଳଙ୍କୁ ମନେଇବା ପାଇଁ ଏଥର କିଛି ଆସନ ଛାଡି କେବଳ ୨୫୫ ଆସନରେ ଲଢ଼ିବା ନିଷ୍ପତି କଂଗ୍ରେସକୁ କେତେଦୂର ସଫଳତା ଦେଉଛି ତାହା ନିର୍ବାଚନୀ ଫଳାଫଳରେ ଜଣାପଡିବ ।

## ଜାହାଜରେ ପଶି ପଣବନ୍ଦୀ ଥିବା...

କିନ୍ତୁ ସୋମାଲିଆ ଉପକୂଳରୁ ୩୦୦ ମାଇଲ ଦୂରରେ ଜଳଦସ୍ୟୁମାନେ ଏହାକୁ କବଜା କରି ନେଇଥିଲେ। ଏହି ଜାହାଜ ମଧରେ ୧୫ ଜଣ ଭାରତୀୟ ରହିଥିଲେ। ଏହି ପଣ୍ୟବାହୀ ଜାହାଜଟି ଅପହରଣ ସମ୍ପର୍କରେ ତୁରନ୍ତ ୟୁନାଇଟେଡ କିଙ୍ଗଡମ ମାରିଟାଇ ଟ୍ରେଡ ଅପରେସନ ପୋର୍ଟାଲକୁ ବାର୍ତ୍ତା ପଠାଇଥିଲା। ଜାନୁଆରୀ ୪ ତାରିଖ ସନ୍ଧ୍ୟାରେ ୫ରୁ ୬ ଜଣ ବନ୍ଧୁକଧାରୀ ଜାହାଜରେ ପ୍ରବେଶ କରିବା ସହ ସମସ୍ତଙ୍କୁ ପଣବନ୍ଦୀ କରି ରଖିଥିବା ଜାହାଜ ପକ୍ଷରୁ ସୂଚନା ଦିଆଯାଇଥିଲା। ଖବର ମିଳିବା ମାତ୍ରେ ଭାରତୀୟ ନୌସେନାର ଯୁଦ୍ଧ ତୋପ ଆଇଏନଏସ ଚେନ୍ନାଇ, ପ୍ୟାଟ୍ରୋଲିଂ ଯୁଦ୍ଧ ବିମାନ ପି-୮ଆଇ ଓ ଦୂରଗାମୀ ପ୍ରେଡାଟୋର ଗଛ୯ଇ ଡ୍ରୋନ ତୁରନ୍ତ ଜାହାଜକୁ ସହାୟତା ପାଇଁ ବାହାରି ଯାଇଥିଲେ। ଆଇଏନଏସ ଚେନ୍ନାଇ ଅପରାହ୍ନ ୩.୧୫ରେ ଉତ୍ତର ଆରବ ସାଗରରେ ଅପହରଣ ହୋଇଥିବା ଜାହାଜର ଖବର ପାଇଥିଲା। ଏହାପରେ ସ୍ୱତନ୍ତ୍ର କମାଣ୍ଡୋମାନେ ଜାହାଜରେ ପଶି ପଣବନ୍ଦୀ ଥିବା ଭାରତୀୟଙ୍କୁ ଉଦ୍ଧାର କରିଥିଲେ।

# ବିଶିଷ୍ଟ ସମବାୟବିତ୍, ରାଜନେତା ଗଜେନ୍ଦ୍ର ଉପାଧ୍ୟାୟଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ଶ୍ରଦ୍ଧାଞ୍ଜଳି




ସୋର, ୫/୧ (ନି.ପ୍ର): ସୋର ଅଞ୍ଚଳର ବିଶିଷ୍ଟ ସମବାୟବିତ୍, ରାଜନେତା ଓ ନାଟ୍ୟକାର ଗଜେନ୍ଦ୍ର ଉପାଧ୍ୟାୟଙ୍କର ୧୬ତମ ଶ୍ରାଦ୍ଧବାର୍ଷିକୀରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ସମାଜସେବୀ ମହେନ୍ଦ୍ର ପାତ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନର ରାଜନୈତିକ ଜୀବନକାଳରେ ୰ଉପାଧ୍ୟାୟ ଜନତା ଦଳ ଓ ବିଜୁ ଜନତା ଦଳର ସୋର ନିର୍ବାଚନ ମଣ୍ଡଳୀର ସଭାପତିତ୍ୱ ଭାବେ କାର୍ଯ୍ୟ କରିବା ସହ ଜନତା ଦଳର ଜିଲ୍ଲା ଉପସଭାପତି ଭାବେ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସେ ଜଣେ ବିଶିଷ୍ଟ ସମବାୟବିତ୍ ଭାବେ ସୋର ଆର୍‌ଏମଏସ (ଆଞ୍ଚଳିକ ସହଯୋଗ ସମିତି) ଏବଂ ଉତ୍ତରେଶ୍ୱର ସେବା ସମବାୟ ସମିତିର ସଭାପତି ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ । ସେ ଜଣେ ନାଟ୍ୟକାର ଭାବେ ବହୁ ନାଟକରେ ରଚୟିତା ଥିଲେ। ତାଙ୍କ ଦ୍ୱାରା ଲିଖିତ ନାଟକ ଇନ୍ଦୁମଣି । ଅର୍ଣ୍ଣପୂର୍ଣ୍ଣା ଥିଏଟରରେ ଦୀର୍ଘଦିନ ଧରି ମଞ୍ଚସ୍ଥ ହୋଇ ଖୁବ୍ ଲୋକପ୍ରିୟ ହୋଇଥିଲା । ସେ ବିଭିନ୍ନ ନାଟକରେ ଉଚ୍ଚକୋଟୀର ନିର୍ଦ୍ଦେଶନା ଦେଇ ଦର୍ଶକ ମହଲରେ ଆଦୃତ ଥିଲେ । ସେ ଏକାଧାରରେ ଜଣେ ସମବାୟବିତ୍, ନାଟ୍ୟକାର, ରାଜନେତା, ସମାଜସେବୀ ଭାବେ ନିଜର ଯେଉଁ ଛାପ ଛାଡ଼ିଯାଇଛନ୍ତି ତାହା ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଅଧାପକ ଭଗବାନ ସୋ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦ୍ୱାରୀ, ସରକାରୀ ଓକିଲ ସେକ୍ ଅତିଉଲ୍ଲା, ଯୁବନେତା ମିହିର ପାଣି, ଅବସରପ୍ରାପ୍ତ ଅଡିଟର ଗୌରମୋହନ ଷଡ଼ଙ୍ଗୀ, ସମାଜସେବୀ ଶରତ ଚନ୍ଦ୍ର ଦାସ, ସମ୍ପାଦକ ବିଜୟ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା, ବ୍ୟବସାୟୀ ମାୟାଧର ବେହେରା, ସମାଜସେବୀ କମଳକାନ୍ତ ଘଡ଼ାଇ, ଆଇନ ଜୀବୀ ବଂଶୀଧର ଉପାଧ୍ୟାୟ, ପୂର୍ବତନ ସୋର ଏନ୍ଏସି ଅଧକ୍ଷ ନଳିନୀ କାନ୍ତ ମହାପାତ୍ର, ଜ୍ଞାନେନ୍ଦ୍ର ଉପାଧ୍ୟାୟ, ଗୌରୀ ରାଣୀ ଉପାଧ୍ୟାୟ, ସଞ୍ଜୟ କୁମାର ସିଂହ, ବିଦ୍ୟାଶ୍ରୀ ଉପାଧ୍ୟାୟ ସରୋଜ, ଅଧାପକ ରବି ନାରାୟଣ ପଣ୍ଡା, ପୁଷ୍ପଲତା ଷଡ଼ଙ୍ଗୀ, ଅଭୟ ଦାସ, ଅକ୍ଷେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଶେଷରେ ଜିତେନ୍ଦ୍ର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନ, ୫/୧ (ନି.ପ୍ର): ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫୫ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷିକା ନାରାୟଣ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଦ୍ୱୈତ୍ୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପତକା ଉତୋଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ସୁସ୍ଥ ଶରୀର ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ପୋଥାଳଙ୍କ ସମେତ ଉପ ସଭାପତି ଶର୍ମିଷ୍ଠା ମହାନ୍ତି, ଶିକ୍ଷକ ଗଦାଧର ମିଶ୍ର, ଗଣେଶ୍ୱର ପୃଷ୍ଟି, କମ୍ପ୍ୟୁଟର କୋର୍ଡିନେଟର ଜ୍ୟୋତି ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ ।

# ନୀଳପ୍ରଭା ସାହିତ୍ୟ ପରିଷଦର ୩୧ତମ ବାର୍ଷିକ ଉତ୍ସବ ପାଳିତ




ବାଲେଶ୍ୱର, ୫/୧ (ନି.ପ୍ର): ନୀଳପ୍ରଭା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମ ଅଧିବେଶନରେ କବି ଗଙ୍ଗାଧର ଦାସଙ୍କ ୭୭ତମ ଜୟନ୍ତୀ ସମାରୋହରେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ବିନୋଦ ବିହାରୀ ପଣ୍ଡା, ପ୍ରଧାନ ଶିକ୍ଷକ ବାଲିଗୁହିରୀ ରତ୍ନାକର ଟାଉନ ହାଇସ୍କୁଲ, ମୁଖ୍ୟ ଅତିଥି ଅଧାପକ ପ୍ରଶାନ୍ତ ବେହେରା, ମୁଖ୍ୟ ବକ୍ତା ଶ୍ରୀମତୀ ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଚକ୍ରଧର ଦାସ, ବ୍ୟଙ୍ଗ କବି ପ୍ରଭାକର ସାହୁ, ଶିବସୁନ୍ଦର ସାହୁ, ଶୁକଦେବ ଦାସ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ କବିଙ୍କର କୃତି ବିଷୟରେ ଆଲୋକପାତ କରିଥିଲେ, ଧନ୍ୟବାଦ ଅର୍ପଣ କରିଥିଲେ । ଆଡଭୋକେଟ୍ ସତ୍ୟଶ୍ରୀ ଦାସ ଦ୍ୱିତୀୟ ଅଧିବେଶନରେ ସଂଗଠନର ସଭାପତି ଶ୍ରୀଯୁକ୍ତ ଯୋଗେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଡ. ଭରତ ବେହେରା, ମୁଖ୍ୟ ବକ୍ତା ବିଜୟ ଉପାଧ୍ୟାୟ, ସମ୍ମାନିତ ଅତିଥି ଅଭୟ ସୂତାର, ଡ. ଉମାକାନ୍ତ ଦାସ, ଡ. ଭାଗବତ ଦାସ, ନିରଞ୍ଜନ ସାହୁ,ଇଂ ଅଭୟ ଦାସ, ନାଟ୍ୟକାର ବିଜୟ ମହାକୁଡ଼, ଡ. ବଂଶୀଧର ଚୌଧୁରୀ ପ୍ରମୁଖ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଏବଂ କବିଙ୍କର କୃତି ଉପରେ ଆଲୋକପାତ କରିଥିଲେ । କବି ଗଙ୍ଗାଧର ଦାସଙ୍କ ଉପରେ ଶତାଧିକ କବି ଓ ଲେଖକଙ୍କର ପ୍ରବନ୍ଧ ଓ କବିତାକୁ ନେଇ ଅଭିନନ୍ଦନ ପୁସ୍ତକ ଗଣଚେତନାର ଧାରକ କବି ଗଙ୍ଗାଧର ଦାସ ଉନ୍ମୋଚିତ ହେବା ସଙ୍ଗେ ସଙ୍ଗେ ସଂଗଠନର ମୁଖପତ୍ର ନୀଳପ୍ରଭା ଉନ୍ମୋଚିତ ହୋଇଥିଲା । ବରିଷ୍ଠ କବି ବଟକୃଷ୍ଣ ଖୁଣ୍ଟିଆ, ଅଭୟ ସୂତାର ଏବଂ କବି ଶ୍ରୀକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଗଙ୍ଗାଧର ଦାସଙ୍କୁ ଜୟନ୍ତୀ ସମାରୋହରେ ତରତରୀ ବାଳିକା ବିଦ୍ୟା ନିକେତ, ଇଂ. ଅଭୟ ସୂତାର, ଡ. ଭାଗବତ ବେହେରା, ନିରଞ୍ଜନ ସାହୁ, ପ୍ରମିଳା ପଣ୍ଡା, ଜ୍ୟୋର୍ତିମୟୀ ମଣ୍ଡଳ, ଇଂ ରଞ୍ଜନ ଦାସ ପ୍ରମୁଖ ବହୁ କବି ଲେଖକ ସାଲ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍ୱରଚିତ କବିତା ପାଠରେ ତରତରୀ ବାଳିକା ବିଦ୍ୟା ନିକେତନ ଛାତ୍ରୀମାନଙ୍କ ମଧ୍ୟରୁ ଯଥାକ୍ରମେ ପ୍ରଥମ ମିତାଲି ହାଁସଦା, ଦ୍ୱିତୀୟ ଆଇନ ଟୁଡୁ, ତୃତୀୟ ନାଗେଶ୍ୱରୀ ପାଢ଼ୀଙ୍କୁ ପୁରସ୍କୃତ କରାଯାଇଥିଲା । ତୃତୀୟ ଅଧିବେଶନ ଅନ୍ତିମ ପର୍ଯ୍ୟାୟରେ ଭକ୍ତ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ




ବାସୁଦେବପୁର, ୫/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ଉତ୍କଳମଣି ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଜାତୀୟ ସେବା ଯୋଜନା ଶିବିର ତୁଳମ ତୁଳା କାଶିଶ୍ୱର୍ ସଂସ୍କୃତ ବିଦ୍ୟାପୀଠ ପରିସରରେ ଡିସେମ୍ବର ୩୧ ତାରିଖ ୨୦୨୩ ରେ ଉଦଯାପିତ ହୋଇଯାଇଛି । ଏହି ଶିବିର ରେ ଉତ୍କଳ ମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଚିତ୍ତ ରଂଜନ ପଣ୍ଡା ସଭାପତିତ୍ୱ କରିଥିଲେ । ମୁନି ସମାଜର ପ୍ରବଚକ ଯୋଗୀ ସୁଧାକର ମୁନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଅଧାପିକା ସ୍ୱର୍ଣ୍ଣ ପ୍ରଭା ମହାପାତ୍ର ଯୋଗ ଦେଇଥିଲେ ଏବଂ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଆ ଅଧାପକ ବେଣୁଧର ପରିଡ଼ା । ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ସହିତ ସମାଜସେବା ରେ ବ୍ରତୀ ହେବା ପାଇଁ ଅତିଥି ବନ୍ଧୁ ମାର୍ଗ ଦର୍ଶନ କରାଇଥିଲେ । ଛାତ୍ରୀ ସନ୍ତୋଶିନୀ ପଣ୍ଡା ବେଦ ପାଠ କରିଥିଲେ । ଏହି ଶିବିର ରେ ସଂଯୋଜକ ବ୍ରଜ ମୋହନ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନ୍ଦିରା ଗାନ୍ଧି ପାର୍କ ଓ ଇସ୍ପାତ ନେହେରୁ ପାର୍କରେ ନୂଆ ବର୍ଷରେ ଲକ୍ଷାଧିକ ଲୋକଙ୍କ ସମାଗମ

ରାଉରକେଲା, ୫/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇନ୍ଦିରା ଗାନ୍ଧି ପାର୍କ ଓ ଇସ୍ପାତ ନେହେରୁ ପାର୍କରେ ବର୍ଷ ୨୦୨୩ର ଶେଷ ରବିବାର ଦିନ ଓ ନୂଆ ବର୍ଷ ୨୦୨୪ ର ପ୍ରଥମ ଦିନ ଲାକ୍ଷାଧିକ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ଉଭୟ ପାର୍କରେ ରାଉରକେଲା ବାସୀଙ୍କ ବନ୍ଧୁ ଓ ପ୍ରିୟଜନମାନଙ୍କ ସହିତ ବହୁ ସଂଖ୍ୟାରେ ବର୍ଷର ଶେଷଦିନ ପାଳନ ଅବସରରେ ଭିଡ ଜମାଇ ଥିଲେ। ପାର୍କଗୁଡିକର ବୀସ୍ତିର୍ଣ୍ଣ ପ୍ରାନ୍ତର, ଇସ୍ପାତ ନଗରବାସୀଙ୍କ ପାଇଁ ଉଜ୍ଜ୍ୱଳ ସୂର୍ଯ୍ୟ କିରଣର ଉଷ୍ମତା ମଧରେ ଥଣ୍ଡାକୁ ପ୍ରଶମିତ କରିବା ପାଇଁ ସର୍ବୋତ୍ତମ ସ୍ଥାନ ଥିଲା । ଦୁର୍ଗାପୁର ପାହାଡର ପାଦଦେଶରେ ସ୍ଥିତ ଇନ୍ଦିରା ଗାନ୍ଧି ପାର୍କ ଦୁଇ ଦିନରେ ୧୫୦୦୦ ରୁ ଅଧିକ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯେଉଁଥିରେ ପ୍ରାୟ ୩ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଉପାର୍ଜିତ ହୋଇ ଥିଲା। ଆଇଜି ପାର୍କରେ ଟୟ ଟ୍ରେନ୍ ଏବଂ ବୋଟିଂର ଉପଭୋଗ କରୁଥିବା ଅନେକ ଦର୍ଶକଙ୍କୁ ଦେଖିବାକୁ ମିଳିଥିବାବେଳେ ପ୍ରାଣୀ ଉଦ୍ୟାନ ପିଲାମାନଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ଥିଲା ଯେଉଁଥିରେ ପ୍ରାୟ ୨୫୦ ପ୍ରକାର ପଶୁ, ପକ୍ଷୀ ଏବଂ ୧୭ ଟି ବିଭିନ୍ନ ପ୍ରଜାତିର ପ୍ରାଣୀ ରହିଛନ୍ତି । ସେହିଭଳି, ପ୍ରାୟ ୫୦୦୦ ସଂଖ୍ୟକ ପରି ଦର୍ଶକମାନେ ଉପରୋକ୍ତ ସମୟ ମଧରେ ସେକ୍ଟର-୧୯ ସ୍ଥିତ ଇସ୍ପାତ ନେହେରୁ ପାର୍କ ସହିତ ବୋଟିଂ ସ୍ଥଳ ରେ ପ୍ରବଳ ଭିଡ ଜମାଇଥିଲେ ଯେଉନ୍ଥରୁ ପ୍ରାୟ ୪୫୦୦୦ ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିଲା। ସେହିଭଳି ସେକ୍ଟର ୮ ସ୍ଥିତ ଜୁବିଲି ପାର୍କ ଏବଂ ସେକ୍ଟର ୧୮ ରେ ଥିବା ଗାନ୍ଧୀ ଉଦ୍ୟାନ ପାର୍କ ରେ ମଧ ଭିଡ଼ ଦେଖିବାକୁ ମିଳିଥିଲା ଯେଉଁଠାରେ ସେଲଫି ପଏଣ୍ଟଗୁଡିକ ଆକର୍ଷଣ ର କେନ୍ଦ୍ର ସ୍ଥଳ ଥିଲା । ଆରଏସପିର ଉଦ୍ୟାନ ବିଭାଗ ଦ୍ୱାରା ପରିଦର୍ଶନକାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ପାର୍କରେ ଉତ୍ତମ ବ୍ୟବସ୍ଥା କରାଯାଇଥିଲା ।

ଶନିବାର, ଜାନୁଆରୀ ୬, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଅଟଳବିହାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ

ବାସୁଦେବପୁର, ୫/୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉତ୍ସବ ଉଦଘାଟିତ ହୋଇଯାଇଛି । ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟରେ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ର ସଂସଦ ଓ ଜୟନ୍ତୀ ପାଳନ କମିଟି ସଭାପତି ଦୁଃଶାସନ ରାଉତ । ନ୍ୟାସନାଲ ମନୁମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ ର ଚେୟାରମେନ କିଶୋର କୁମାର ବାସା, ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ଗବେଷକ ଡକ୍ଟର ଗଣେଶ୍ୱର ସ୍ୱାଇଁ, ପ୍ରଫେସର୍ ଅମିୟ ପଟ୍ଟନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଏ ବି ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ, ଜୟନ୍ତୀ ପାଳନ କମିଟି ସମ୍ପାଦକ କିଶୋର କୁମାର ମହାପାତ୍ର ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ, ଇତିହାସ,ଶିକ୍ଷା, ବିଜ୍ଞାନ, ଧର୍ମ, କଳା, ସଂସ୍କୃତି ସମ୍ପର୍କ ରେ ଆଲୋଚନା କରିଥିଲେ । ଜୟନ୍ତୀ କମିଟି ସଭ୍ୟ ଗୋପାଳ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ଶିକ୍ଷାବିତ୍ ଭାଗିରଥି ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏହି ବିଦ୍ୟାଳୟ ର ପୂର୍ବତନ ଶିକ୍ଷକ ପଞ୍ଚାନନ ପଲେଇ ୯୪ ବର୍ଷ, ମତୋ ଅଞ୍ଚଳ ଓ ଅନ୍ୟ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମିରା କଲ ପବ୍ଲିକ ସ୍କୁଲ ବାସୁଦେବପୁର, ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟ , ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



# ରୂପସାରେ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ



ବସ୍ତା, ୫/୧ (ନି.ପ୍ର): ରୂପସା ଅଗ୍ନିହୋତ୍ର ପରିବାର ଆନୁକୂଲ୍ୟରେ ରୂପସା ସାମିଲ ହସନପୁର ପଞ୍ଚାୟତ ଅନ୍ତର୍ଗତ ପାଟପୁର ବଜାର ଦୁର୍ଗା ମଣ୍ଡପ ଠାରେ ତୃତୀୟ ବାର୍ଷିକ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଯଜ୍ଞ, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରିବାରର ସଭାପତି ସୁରେଶ ଚନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବିଶିଷ୍ଟ ପ୍ରବଚକ ତଥା ବେଦପିୟୁଷ ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ମୁଖ୍ୟ ବକ୍ତା ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଯୋଗ ଦେଇ ଜୀବନର ପୂର୍ଣ୍ଣତା ଆଣିବା ପାଇଁ ସଭିଙ୍କ ଠାରେ ନମ୍ର ଗୁଣ, ବିନୟ ଭାବ ପରିପ୍ରକାଶ ହେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ସରପଞ୍ଚ ମାଳତୀ ପ୍ରଧାନ ଓ ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ସଭାପତି ସୁରେଶ ଚନ୍ଦ୍ର ପାଣିଙ୍କ ପୌରାହିତ୍ୟରେ ୨୧ କୁଣ୍ଡିୟ ଯଜ୍ଞ ସମାପନ ହୋଇଥିଲା । ଆବାହକ ବାଞ୍ଛାନିଧି ଦେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଂଗୀତ ଗୁରୁ ଅର୍ଜୁନ କୁମାର ଦଳାଇ ଓ ସତ୍ୟରଞ୍ଜନ ମହାନ୍ତି, କଣ୍ଠଶିଳ୍ପୀ ଜୀତେନ୍ଦ୍ର, ଦୀପ୍ତରାଗ, ଅର୍ଚ୍ଚିସ୍ମିତା ଓ ରୁଚିସ୍ମିତା ପ୍ରମୁଖ ଭଜନ ପରିବେଷଣ କରିଥିଲେ । ସମ୍ପାଦକ ମନୋରଞ୍ଜନ ପ୍ରଧାନ ବିବରଣୀ ପାଠ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ବିଦ୍ୟାଧର ବିଶ୍ୱାଳ, ଶଶୀକାନ୍ତ ବେହେରା, ଗୁରୁମା ଅର୍ଚ୍ଚନା ବେହେରା, ସତ୍ୟବ୍ରତ ସାହୁ, ନିତ୍ୟାନନ୍ଦ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ ।

# ସ୍ୱାମୀ ବିବେକାନନ୍ଦ ଯୁବକସଂଘ ପକ୍ଷରୁ ୨୯ ତମ ବାର୍ଷିକ କ୍ରୀଡାଗ୍ଲୋବ ଉଦ୍‌ଯାପିତ

ବେତନଟୀ, ୫/୧ (ନି.ପ୍ର): ପୁରିନ୍ଦା ପଞ୍ଚାୟତ ଅଧୀନ ପୁରୀଖୁଣ୍ଟା ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବକସଂଘ ପକ୍ଷରୁ ଆୟୋଜିତ ୨୯ତମ ବାର୍ଷିକ କ୍ରୀଡାଗ୍ଲୋବର ଉଦଯାପିତ ହୋଇଯାଇଛି । ଯୁବକସଂଘର ସଭାପତି ଶିବ ମହାନ୍ତଙ୍କ ଅଧକ୍ଷତା ଏବଂ ବାଦଲ କୁମାର ମହାନ୍ତଙ୍କ ମଞ୍ଚପରିଚାଳନାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବରେ ଯୋଗଦେଲେ ରାଜ୍ୟସଭା ସଂସଦ ମମତା ମହାନ୍ତ । ଅନ୍ୟମାନଙ୍କ ମଧରେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜର ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଅତିଥି ଭାବେ ୩୫ନଂ ଜୋନର ଜିଲ୍ଲାରପିଷଦ ବିଶ୍ୱନାଥ ହେମ୍ବ୍ରମ ଏବଂ ଅନୁସୂଚିତ ଜାତି କଲ୍ୟାଣ ସମିତିର ରାଜ୍ୟ ସମ୍ପାଦକ ତଥା ବିଜେଡିର ଦକ୍ଷ ସଂଗଠକ କରମଚାନ୍ଦ କାଳନ୍ଦୀ ପ୍ରମୁଖ ଅତିଥଗଣ ମଞ୍ଚାସୀନ ଥିଲେ ।ଯୁବକସଂଘ ପକ୍ଷରୁ ଆୟୋଜିତ ବାର୍ଷିକୋତ୍ସବରେ ମୟୂରଭଞ୍ଜ ସମେତ ପଡୋଶୀ ପଶ୍ଚିମବଙ୍ଗରୁ ୧୬ଗୋଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିବା ବେଳେ ରନର୍ସଅପ ଚାନ୍ଦୁଆର ଟାଟାପାୱାର ଫୁଟବଲ ଟିମକୁ ପରାସ୍ତକରି ଯୁଗୋଳ ଫୁଟବଲ କ୍ଲବ ଚଳିତବର୍ଷର ଚାମ୍ପିଅନ ହୋଇଥିଲା ।ଏହି ଅବସରରେ ଚାମ୍ପିଅନ ଏବଂ ରନର୍ସଅପ ଟିମ ସମେତ ୩ୟରେ ଧରମରାଜ ଫୁଟବଲ କ୍ଲବ ଏବଂ ୪ର୍ଥରେ ଦୁର୍ଗାପୁର ଫୁଟବଲ କ୍ଲବକୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ । ଏତଦ୍ ବ୍ୟତୀତ ଗ୍ରାମର ପିଲାମାନଙ୍କୁ ନେଇ ୪୫ପ୍ରକାର ଖେଳର ଆୟୋଜନ କରାଯାଇଥିବା ବେଳେ ସେଥିରେ ମଧ୍ୟ କୃତକାର୍ଯ୍ୟ ହୋଇଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶୃଙ୍ଖଳା ସହିତ ବାର୍ଷିକ କ୍ରିଡାସତ୍ସବର ସୁପରିଚାଳନାରେ ଆୟୋଜକ ଯୁବକସଂଘର ସମ୍ପାଦକ ଯୁଧିଷ୍ଠ ମହାନ୍ତଙ୍କ ସମେତ କିଶୋର, ହରିଶ, ସୁବାସ, ଗୌତମ, ପ୍ରମୋଦ, ଦିଗମ୍ବର, ଝଣ୍ଟୁ, କୁନା, କୃପାସୀନ୍ଧୁ, ଭାସ୍କର, ଲକ୍ଷ୍ମୀଧର, ଗଗନ, ନୟନ, ଅଜୁ, ବିଜୁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ଆଦୌ ବିଦ୍ୟାଳୟର ମାଟି ମାଡ଼ିନାହାଁନ୍ତି ଗାଙ୍ଗି ଓ ସୁଗି

## ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ



ଉଦଳା , ୫/୧ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ କାଳିଆଆମ୍ବ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସାନିକା ସିଂ ଓ ମାତା ବାସନ୍ତି ସିଂଙ୍କ ୧୦ ବର୍ଷ ବୟସର କନ୍ୟା 'ଗାଙ୍ଗି' ଏବଂ ଚାଳା ସିଂ ଓ ମାତା ସାନି ସିଂଙ୍କ ୮ ବର୍ଷ ବୟସର କନ୍ୟା 'ସୁଗି' ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ଖବର ନେବାରୁ ଜଣାଯାଇଛି ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଗାଙ୍ଗି ଓ ସୁଗି ପାଠ ପଢୁଥିଲେ । ପରେ ବୟସ ହୋଇ ଯିବାରୁ ନିକଟରେ ଥିବା ପଣ୍ଡୁଆଡ଼ାହି ପ୍ରାଥମିକ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଆଣିଲେ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଫଳରେ ଆଜି ପର୍ଯ୍ୟନ୍ତ ଏହି ଦୁଇ କନ୍ୟା ବିଦ୍ୟାଳୟର ମାଟି ମାଡ଼ିପାରି ନାହାଁନ୍ତି । ପରିବାରର ଲୋକଙ୍କ କହିବାନୁସାରେ ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିପାରି ନାହିଁ । ଏପରିକି ଆଧାର କାର୍ଡ଼ ନଥିବା ଯୋଗୁଁ ଏହି ଦୁଇ କନ୍ୟା ସନ୍ତାନଙ୍କ ନାମରେ ଟଙ୍କାକିଆ ଚାଉଳ ମଧ୍ୟ ମିଳୁନାହିଁ । କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ 'ତ୍ୟାଗଭୂମି ପ୍ରତିଭା' ଓ କବି ଶ୍ରୀଦେବଙ୍କୁ 'ବିଷ୍ଣୁସେଠୀ କବିତା-ବାଗ୍ମିତା' ସମ୍ମାନ



ବାଲେଶ୍ୱର, ୫/୧ (ନି.ପ୍ର): ଭଦ୍ରକ ଅସ୍ମିତାର ପ୍ରତୀକ 'ତ୍ୟାଗଭୂମି' ମହୋତ୍ସବ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ୱର୍ଗତ କବି 'ବିଷ୍ଣୁ ସେଠୀ ମଞ୍ଚ'ରେ 'ତ୍ୟାଗଭୂମି'ର ଉପଦେଷ୍ଟା ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ରାଜ୍ୟ ଯୋଜନା ବୋର୍ଡ଼ ଅଧକ୍ଷ କବି ଡ. ପ୍ରସନ୍ନ ପାଟଶାଣୀଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା କରାଇବାରେ ସହାୟକ ହୋଇଥିବା ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ 'ତ୍ୟାଗଭୂମି ପ୍ରତିଭା' ଏବଂ ବିଶିଷ୍ଟ କବି ଶ୍ରୀଦେବଙ୍କୁ 'ବିଷ୍ଣୁସେଠୀ କବିତା-ବାଗ୍ମିତା' ସମ୍ମାନରେ ଭଦ୍ରକର ସ୍ଥାନୀୟ ଶହିଦ୍ ସ୍ମୃତି ଭବନର ଏକ ଭବ୍ୟ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟବକ୍ତା ଭାବରେ ଡ. ନିରଞ୍ଜନ ସାହୁ ଏବଂ ଏକାଡେମୀ ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଭଦ୍ରକର ଅସ୍ମିତା ଓ ତ୍ୟାଗଭୂମିର ଦାୟିତ୍ୱ ସଂପର୍କିତ ଅଭିବ୍ୟକ୍ତି ରଖି ଉଭୟ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଭଦ୍ରକର ଜନସାଧାରଣ, ସାମ୍ବାଦିକ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି 'ତ୍ୟାଗଭୂମି'ର ଏତାଦୃଶ କାର୍ଯ୍ୟକୁ ଉତ୍ସାହିତ କରିଥିଲେ ।

# ହାଇଟେକ୍ ମେଡିକାଲ ଦ୍ୱନ୍ଦ ମାମଲାର ହେବ ତଦନ୍ତ : ଡିସିପି

ଭୁବନେଶ୍ୱର, ୫/୧ (ନି.ପ୍ର): ହାଇଟେକ୍ ମେଡିକାଲ କଲେଜରେ ଦ୍ୱନ୍ଦ୍ୱ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ସେ କହିଛନ୍ତି ପ୍ରଥମ ଦିନରୁ ହୋଇଥିବା ଘଟଣା ଅନୁସାରେ ତଦନ୍ତ ହେବ । ବିସ୍ଫୋରଣରେ ୪ ଜଣଙ୍କ ଅବସ୍ଥା ଗୁରୁତର ଥିଲା । ଠିକାଦାର କହିଥିବା ପରିଚୟରେ ସେମାନଙ୍କ ଚିକିତ୍ସା କରାଗଲା । ଠିକାଦାର ସେହି ମେଡିକାଲର ଷ୍ଟାଫ୍ , ତାଙ୍କୁ ପଚରାଉଚରା ହେଉଛି । ପ୍ରଥମ ବ୍ୟକ୍ତିର ମୃତ୍ୟୁ ପରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ପରିବାର ଲୋକଙ୍କ ଉପସ୍ଥିତିରେ ପୋଷ୍ଟମର୍ଟମ ହୋଇଥିଲା ।

# ଲକ୍ଷ୍ମୀ ମାଝୀ ମୃତ୍ୟୁ ଘଟଣା: ଆଜି ୧୨ଘଂଟିଆ ରାୟଗଡା ବନ୍ଦ

ଭୁବନେଶ୍ୱର, ୫/୧ (ନି.ପ୍ର): ଲକ୍ଷ୍ମୀ ମାଝୀଙ୍କୁ ନ୍ୟାୟ ଦିଅ । ଏଭଳି ଦାବି ନେଇ ଆଜି ରାୟଗଡା ଜିଲ୍ଲାରେ ୧୨ଘଂଟିଆ ବନ୍ଦ ପାଳନ କରାଯାଇଛି । ଚନ୍ଦ୍ରପୁରୁ ମା' ଗୃହରେ ଆଦିବାସୀ ଯୁବତୀ ଲକ୍ଷ୍ମୀ ମାଝୀଙ୍କ ମୃତ୍ୟୁ ଘଟଣାର ୧୬ ଦିନ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲିସ ଏବଂ କ୍ରାଇମବ୍ରାଂଚ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ତେଣୁ ଲକ୍ଷ୍ମୀ ମାଝୀଙ୍କୁ ନ୍ୟାୟ ଦାବି ନେଇ ଆଜି ରାୟଗଡା ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ୧୨ ଘଂଟିଆ ବନ୍ଦ ପାଳନ କରାଯାଉଛି । ରାୟଗଡା ଜିଲ୍ଲା ବିଜେପି ଏହି ବନ୍ଦକୁ ସମ୍ପୂର୍ଣ୍ଣ ସମର୍ଥନ କରିଛି । ବନ୍ଦ ପ୍ରଭାବରେ ଜିଲାରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ସହିତ ଦୋକାନ ବଜାର ବନ୍ଦ ରହିଛି ।

# ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଦ୍ରକ, ୫/୧ (ନି.ପ୍ର): ଆଗାମୀ ୭୫ତମ ସାଧାରଣତନ୍ତ୍ର ଦିବସ - ୨୦୨୪କୁ ଭଦ୍ରକ ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମର ଆବାହକ ତଥା ସଂଯୋଜକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ଗତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବିଭିନ୍ନ ଦିଗରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲାପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଜାନୁୟାରୀ ୧୮ ରୁ ୨୦୯ ମଧରେ ଇଂରାଜୀ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ, ଚିତ୍ରାଙ୍କନ, କ୍ୱିଜ୍ ଆଦି ପ୍ରତିଯୋଗିତା ଆୟୋଜନ ନେଇ ସିଦ୍ଧାନ୍ତ ନିଆଯାଇଛି । ସେହିପରି ପ୍ୟାରେଡ଼ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପୂର୍ବରୁ ପ୍ରତିଯୋଗିତା ଆୟୋଜନ ଜରିଆରେ ସର୍ବାଧିକ ୩ଟି ସାଂସ୍କୃତିକ ଦଳ ଚୟନ କରାଯିବ । ଉତ୍ସବ ପାଳନ ଦିନ ପ୍ରାତଃ କାଳରୁ ରାମଧୂନ ପରିକ୍ରମା କରାଯିବ । ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ବର୍ଣ୍ଣାଢ୍ୟ ପରିବେଶରେ ପାଳନ କରାଯିବ । ସକାଳ ଘ ୮.୩୦ମିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ପ୍ୟାରେଡ଼ କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉତ୍ସବ ପାଳନ ଦିନ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ଜିଲ୍ଲା ସଂସ୍କୃତି ଭବନରେ ଚାରୁ ଓ କାରୁ କଳା ମହାବିଦ୍ୟାଳୟ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବା ନେଇ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ, ଅଧ୍ୟକ୍ଷ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ମତାମତ ପ୍ରଦାନ କରିଥିଲେ ।

# ଆଜି ଆଠ ଘଂଟା ନୂଆପଡ଼ା ଜିଲ୍ଲା ବନ୍ଦ

ଭୁବନେଶ୍ୱର, ୫/୧ (ନି.ପ୍ର): ଆଜି ଆଠ ଘଂଟା ନୂଆପଡ଼ା ଜିଲ୍ଲା ବନ୍ଦ । ଚାଷ ଓ ଚାଷୀଙ୍କ ସମସ୍ୟାକୁ ନେଇ ଜିଲ୍ଲା ବ୍ୟାପି ବନ୍ଦ ଡାକରା ଦେଇଛି ଭାରତୀୟ ଜନତା ପାର୍ଟି । ଦୋକାନ ବଜାର, ଚକ ଅଖ , ସରକାରୀ ବେସରକାରୀ କାର୍ଯ୍ୟାଳୟ , ବ୍ୟାଙ୍କ ,ବିଦ୍ୟାଳୟ ଓ ଜିଲ୍ଲାର ସମସ୍ତ ମଣ୍ଡି ବନ୍ଦ ରହିଛି । ସକାଳ ଛଅଟାରୁ ଦୁଇଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଉଛି । ରାଜ୍ୟ ସରକାରଙ୍କ ଚାଷ ଓ ଚାଷୀ ମାରଣା ନୀତି, ଶୋଷଣ ଓ କଷଣ ବିରୋଧରେ ରାସ୍ତାକୁ ଓହ୍ଲାଇଛି ବିଜେପି । ଧାନ କିଣାରେ ବ୍ୟାପକ ଦୁର୍ନୀତି ସହ ସିବିଆଇ ତଦନ୍ତ ଦାବି କରିଛି ବିଜେପି । ଜିଲ୍ଲାର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ରାସ୍ତା ଅବରୋଧ କରିଛି ବିଜେପି ।

# ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟର ୧୫ ତମ ବାର୍ଷିକୋତ୍ସବ ଅନୁଷ୍ଠିତ



ବେତନଟୀ, ୫/୧ (ନି.ପ୍ର): ବେତନଟୀ ଉପକଣ୍ଠ ଶାଳବଣିସ୍ଥିତ ଏସଏସଡି ବାଳିକା ହାଇସ୍କୁଲର ୧୫ତମ ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କର ଯୋଗଦେଇଥିଲେ । କେସିପୁର ହାୟାର ସେକେଣ୍ଡାରୀ ସ୍କୁଲର ଇରାଜୀ ବିଭାଗର ଅଧ୍ୟାପକ ଶେଖ୍ ଶେଖାୱତ୍ ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଭବେନ୍ଦ୍ର କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତ, ବେତନଟୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗଲ ସିଂ, ଶାଳବଣି ସାମିଲ ନହଣ୍ଡାଶୋଳର ସରପଞ୍ଚ ଗୋବିନ୍ଦଚନ୍ଦ୍ର ହାଁସଦା, ସମିତିସଭ୍ୟା ସୁନାମଣି କିନ୍ତୁ, ପରିଚାଳନା କମିଟି ସଭାପତି ଗୁହ୍ୟା ସୋରେନ ପ୍ରମୁଖ ଅତିଥଅଧିକାରୀଗଣ ମଞ୍ଚାସୀନ ରହିଥିଲେ । ଶିକ୍ଷକ ଜ୍ୟୋତିରଞ୍ଜନ ନାୟକ ମଞ୍ଚ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ଅଧିକାରୀଙ୍କୁ ମଞ୍ଚାସୀନ କରାଯିବା ପରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।ମଞ୍ଚାସୀନ ଅତିଥଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିବାପରେ ଶେଷରେ ବିଜ୍ଞାନଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନାରେ ସ୍କୁଲର ହରିଶ୍ଚନ୍ଦ୍ର ତୁଙ୍ଗ, ସଞ୍ଜୟ ମହାନ୍ତ, ବଳରାମ ଦାସ, ଭାରତୀ ବେହେରା, ସଞ୍ଜୁକ୍ତା ପାତ୍ର, ଇନ୍ଦ୍ରାଣୀ ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସସ୍ମିତା ହେମ୍ବ୍ରମ, ଜ୍ଞାନରଞ୍ଜନ ମହାନ୍ତ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଅଣଶିକ୍ଷା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ବାଲିଆପାଳର ବରିଷ୍ଠ ବିଜେପି ନେତା ସତ୍ୟାନନ୍ଦ ମହାନ୍ତିଙ୍କ ବିଜେଡ଼ିରେ ଯୋଗଦାନ

ବାଲେଶ୍ୱର, ୫/୧ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଷଷ୍ଠଥର ପାଇଁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ତୃଣମୂଳ ସ୍ତରରୁ ଏକଜୁଟ ହେଉଛି ବିଜୁ ଜନତା ଦଳର ସଂଗଠନ । ବସ୍ତା ନିର୍ବାଚନ ମଣ୍ଡଳୀରେ ଆହୁରି ମଜଭୁତ ହେଉଛି ଦଳ । ଶୁକ୍ରବାର ବାଲେଶ୍ୱର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ତଥା ନୂଆ ଓଡ଼ିଶା , ନବୀନ ଓଡ଼ିଶା ଗଠନରେ ନିଜକୁ ସାମିଲ ହେବାର ଲକ୍ଷ୍ୟ ନେଇ, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ବିଜେପିର ଜଣେ ବରିଷ୍ଠ ନେତା, ପୂର୍ବତନ ଜିଲ୍ଲା ପରିଷଦ ଏବଂ ବାଲିଆପାଳ ବ୍ଲକ୍ ଡଗରା ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ନିଜର ସମର୍ଥକ ମାନଙ୍କ ସହ ଆଜି ବିଜେପି ଛାଡି ବିଧିବଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି । ଜିଲ୍ଲା ବିଜେଡି ସଭାପତି ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ କୁମାର ମହାପାତ୍ରଙ୍କ ସମେତ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ, ସେମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେଡିରେ ସେମାନଙ୍କ ଯୋଗଦାନ ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ ଓ ସଂଗଠିତ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀମତୀ ଜେନା ମତବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ଦେବ କୁମାର ଦେ, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଗିରି, ବାଲିଆପାଳ ବ୍ଲକ୍ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ୍ ସଭାପତି ଅନିଲ କୁମାର ମହାନ୍ତି, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo